ଓ୩ମ୍

# ସତ୍ୟାର୍ଥ ପ୍ରକାଶ ଏକ ମୂଲ୍ୟାଙ୍କନ


ଲେଖକ

ଡ. ସତ୍ୟବ୍ରତ ରାଜେଶ

ଏମ୍.ଏ.ପି.ଏଚ୍.ଡି.ଡି.ଏ.ଲିଟ୍.

ସିଦ୍ଧାନ୍ତ ଶିରୋମଣି, ବିଦ୍ୟାବାଚସ୍ପତି, ଶାସ୍ତ୍ରୀ

ଭାଷାନ୍ତର

ବାନପ୍ରସ୍ଥୀ ବିଶିକେସନ ଶାସ୍ତ୍ରୀ

ସାହିତ୍ୟାଗ୍ର୍ର୍ଯ୍ୟ, ଆର୍ଯ୍ୟବିଭୂଷଣ

**ପୁସ୍ତକର ନାମ** :- ସତ୍ୟାର୍ଥ ପ୍ରକାଶ ଏକ ମୂଲ୍ୟାଙ୍କନ


**ଲେଖକ** :- ଡ. ସତ୍ୟବ୍ରତ ରାଜେଶ
ଏମ୍.ଏ. ପି.ଏଚ୍.ଡି.
ସିଦ୍ଧାନ୍ତ ଶିରୋମଣି, ବିଦ୍ୟାବାଚସ୍ପତି

**ଭାଷାନ୍ତର** :- ବାନପ୍ରସ୍ଥୀ ବିଶିକେସନ ଶାସ୍ତ୍ରୀ
ସାହିତ୍ୟାଗର୍ଯ୍ୟ,
ଆର୍ଯ୍ୟବିଭୂଷଣ



**ମୁଦ୍ରଣ** :- ଗୁରୁକୁଳ ଆଶ୍ରମ ଆମସେନା
ଖରିଆର୍ ରୋଡ଼, ନୂଆପଡ଼ା

**ପ୍ରଥମ ସଂସ୍କରଣ** :- ୨୧୦୦ (ସ୍ୱର୍ଣ୍ଣ ଜୟନ୍ତୀ ସମାରୋହ ୨୦୧୨)


## -: ପୁସ୍ତକ ମିଳିବାର୍ ଠିକଣା :-


୧- ଗୁରୁକୁଳ ଆଶ୍ରମ ଆମସେନା
ପୋ : ଆମସେନା,
ଖରିଆର୍ ରୋଡ଼
ନୂଆପଡ଼ା - ୭୬୬୧୦୯

୨- ଆଦିମ ଗୁରୁକୁଳ ଆଶ୍ରମ
ପୋ : କୁନ୍ଦୁଲି, ପଟାଙ୍ଗି
କୋରାପୁଟ - ୭୬୪୦୩୯

**ମୂଲ୍ୟ :- ଟ ୧୦ - (ଦଶଟଙ୍କା ମାତ୍ର)**




**ଓ୩ମ୍**

# ଏ ପ୍ରକାଶନର୍ ଆଭିମୁଖ୍ୟ..........

ଆଧୁନିକ ଯୁଗର ବିଶ୍ୱମାନବିକତାର ଅତ୍ୟନ୍ତ ହିତଚିନ୍ତକ, ମହାନ୍ ଦାର୍ଶନିକ, କ୍ରାନ୍ତିର ଦୂରଦ୍ରଷ୍ଟା ସନ୍ଦେଶ ବାହକ, ସତ୍ୟର ପରମ ଉପାସକ, ଅନ୍ୟତମ ଯୋଗୀ, ଯୁଗ ପ୍ରବର୍ତ୍ତକ, ମହର୍ଷି ଦେବ ଦୟାନନ୍ଦ ସରସ୍ୱତୀ ଆଜିଠାରୁ ୧୩୭ବର୍ଷ ପୂର୍ବେ ବିକ୍ରମ ସମ୍ବତ୍ ୧୯୩୧-୩୨ରେ ମହାନ୍‌ଗ୍ରନ୍ଥ ସତ୍ୟାର୍ଥ ପ୍ରକାଶ ରଚନା କରିଥିଲେ । ସତ୍ୟାର୍ଥ ପ୍ରକାଶ ହେଉଛି କ୍ରାନ୍ତିର ଉତ୍‌ପ୍ରେରକ ଏକ ଅନୁପମ ଗ୍ରନ୍ଥ । ସେହି ପୁସ୍ତକର ପ୍ରକାଶନଦ୍ୱାରା ସକଳ ସଂସାରର ଅଗଣିତ ନର-ନାରୀ କେବଳ ତା ନୁହେଁ ବିବିଧ ମତ-ପନ୍ଥ-ସଂପ୍ରଦାୟ ବା ଧର୍ମ ସଂସ୍ଥାଗୁଡ଼ିକ ନିଜନିଜ ଚିନ୍ତନ ଧାରାକୁ ଅଗ୍ରସର କରାଇବାପାଇଁ ଉପଯୁକ୍ତ ଦିଗ୍‌ଦର୍ଶନ ପାଇଗଲେ । ଜ୍ଞାନର ଅଦ୍‌ଭୁତ ବିଶ୍ୱକୋଷ ଅମର ଗ୍ରନ୍ଥ ସତ୍ୟାର୍ଥ ପ୍ରକାଶକୁ ଅନେକାନେକ ପ୍ରକାଶକ ସଂସାରର ବିଭିନ୍ନ ଭାଷାରେ ଅସଂଖ୍ୟ ସଂସ୍କରଣ ପ୍ରକାଶ କରିଛନ୍ତି ଓ କରାଇଛନ୍ତି ମଧ୍ୟ । ଫଳରେ ଏ ଗ୍ରନ୍ଥ ବିଶ୍ୱବିଖ୍ୟାତ ହେବାର ଗୌରବ ଅର୍ଜନ କରିପାରିଛି । ଏହି ଗ୍ରନ୍ଥକୁ ଆଧାର କରି ବହୁ ସମୀକ୍ଷାତ୍ମକ, ବିବେଚନାତ୍ମକ ତଥା କେତେ ଆଲୋଚନାତ୍ମକ ଲେଖା, ପ୍ରବନ୍ଧ ଓ ପୁସ୍ତକମାନ ବହୁଳଭାବେ ଲେଖାଯାଇଛି । ଏହି ପୁସ୍ତକରେ ଥିବା ପ୍ରତ୍ୟେକ ଆଲୋଚନାର ଯୁକ୍ତିଯୁକ୍ତ ଉତ୍ତରମଧ୍ୟ ପ୍ରଦାନ କରାଯାଇଛି । ଯେତେବେଳେ କୌଣସି ଆକ୍ଷେପ ଦମ୍ଭଧରି ରହି ପାରିଲା ନାହିଁ, ସେତେବେଳେ କେତେକ ମତାନ୍ଧ ଓ ସ୍ୱାର୍ଥ ପରାୟଣ ବ୍ୟକ୍ତି ରାଜକୀୟ, ଶାସକୀୟ, ନ୍ୟାୟିକ ହସ୍ତକ୍ଷେପ କରାଇ ପ୍ରତ୍ୟେକ କ୍ଷେତ୍ରରେ ମନୁଷ୍ୟ ସମାଜକୁ ପ୍ରକୃତ ସତ୍‌ପଥ ପ୍ରଦର୍ଶନ କରୁଥିବା ଏହି ଅନୁପମ, ଅମୂଲ୍ୟ ଗ୍ରନ୍ଥର

ପ୍ରକାଶନ ଓ ପ୍ରଗ୍ରରକୁ ବନ୍ଦକରି ଦେବାପାଇଁ ହୀନ ଉଦ୍ୟମ କରିବାରେ ଅବହେଳା କରିନାହାନ୍ତି । କିନ୍ତୁ **"ସତ୍ୟମେବ ଜୟତେ"** ନୀତିରେ ସର୍ବଦା ନିର୍ଣ୍ଣୟ ସତ୍ୟାର୍ଥ ପ୍ରକାଶର ସପକ୍ଷରେ ହିଁ ଦିଆଯାଇଛି । ଏଣୁ ଆମେ ଗର୍ବର ସହିତ କହିବୁ ସଦାସର୍ବଦା ସତ୍ୟର ହିଁ ବିଜୟ ହୋଇଥାଏ । ତଥା ଭବିଷ୍ୟତରେ ମଧ୍ୟ ତା ହେଉଥିବ । ତେଣୁ —

**ଯୁଗ ଯୁଗ ଧରି ଅମର ରହିବ ଦେବଦୟାନନ୍ଦ କଥା ।**
**ମାନବିକତାକୁ ସ୍ମରଣ କରିଣ କହିବ ନିଜର ତ୍ରାତା ।।**

ଗୁରୁକୁଳ ଆଶ୍ରମ ଆମସେନାର ସଂସ୍ଥାପକ ତଥା ସଞ୍ଚାଳକ ପୂଜ୍ୟ ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ ମହୋଦୟଙ୍କୁ କଲିକତା ବଡ଼ ବଜାର ଆର୍ଯ୍ୟସମାଜ ଆନୁକୂଲ୍ୟରେ ନଗଦରାଶି ଟ ୨୧୦୦୦ଙ୍କା, ସାଲ, ଶ୍ରୀଫଳ, ଅଭିନନ୍ଦନ ପତ୍ର ପ୍ରଭୃତି ପ୍ରଦାନକରି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସେ ସମୟରେ ଡ. ସତ୍ୟବ୍ରତ ରାଜେଶଙ୍କ ଲିଖିତ ସତ୍ୟାର୍ଥ ପ୍ରକାଶ ଏକ ମୂଲ୍ୟାଙ୍କନ ପୁସ୍ତିକା ତାଙ୍କର ହସ୍ତଗତ ହୋଇଥିଲା । ପୁସ୍ତକରେ ସନ୍ନିବେଶିତ ବିଷୟ ବସ୍ତୁର ଉପାଦେୟତାକୁ ଉପଲବ୍ଧିକରି ପୁସ୍ତକ ଓଡ଼ିଆ ଭାଷାରେ ପ୍ରକାଶିତ ହେଲେ ଓଡ଼ିଆ ପାଠକ-ପାଠିକା ସତ୍ୟାର୍ଥ ପ୍ରକାଶର ମହନୀୟତା, ଉପାଦେୟତା ଓ ଆବଶ୍ୟକତାକୁ ସହଜରେ ଅବଗତ ହୋଇ ଉପକୃତ ହୋଇପାରିବେ ଏହାକୁ ହୃଦୟଙ୍ଗମ କରି ଓଡ଼ିଆରେ ଅନୁବାଦ କରିବାପାଇଁ ମୋ ହାତକୁ ବଢ଼ାଇ ଦେଲେ । ପୁସ୍ତକର କଳେବର ଅବଶ୍ୟ କ୍ଷୁଦ୍ର, ତଥାପି ତାକୁ ପାଠକରି ଅତ୍ୟନ୍ତ ଆନନ୍ଦିତ ହୋଇ କାର୍ଯ୍ୟବ୍ୟସ୍ତତାରେ ରହି ମଧ୍ୟ ଓଡ଼ିଆରେ ଅନୁବାଦ କରିଦେଲି । ଆଶ୍ରମର ମାସିକ ମୁଖପତ୍ର କୁଳଭୂମିର ତିନୋଟି ସଂଖ୍ୟାରେ ଏଥିରୁ ଅଧିକାଂଶ ଅଂଶ ପ୍ରକାଶିତ ହୋଇଅଛି । ଏବେ ପୁଣି ତାହା ପୁସ୍ତକାକାରରେ ପ୍ରକାଶିତ ହେଉଥିବାରୁ





ଅଗଣିତ ପାଠକ-ପାଠିକା ଏହାଦ୍ୱାରା ଯେ ନିଶ୍ଚିତଭାବେ ଉପକୃତ ହେବେ ଏହା ନିଃଶନ୍ଦେହରେ କୁହାଯାଇପାରେ ।

ଆମସେନା ଆଶ୍ରମ ଆନୁକୂଲ୍ୟରେ ଉତ୍କଳ ସାହିତ୍ୟ ସଂସ୍ଥାନ ଗଠନ କରାଯାଇ ତାରି ମାଧ୍ୟମରେ ହିନ୍ଦୀ ଓଡ଼ିଆଭାଷାରେ ଶତାଧିକ ବୈଦିକ ସାହିତ୍ୟ ପ୍ରକାଶିତ ହୋଇ ଜନତାଜନାର୍ଦ୍ଦନଙ୍କୁ ଆପ୍ୟାୟିତ କରି ଆସୁଛି । ଏ ପୁସ୍ତକମଧ୍ୟ ସଂସ୍ଥାନଦ୍ୱାରା ଲୋକଲୋଚନକୁ ଆସୁଥିବା ଅତୀବ ଆନନ୍ଦର ବିଷୟ ଅଟେ । ପ୍ରୋକ୍ତ ପୁସ୍ତକକୁ ପାଠକରି କେହିମଧ୍ୟ ଯଦି କିୟତ୍ ପରିମାଣରେ ଉପକୃତ ବା ଲାଭାନ୍ୱିତ ହୁଅନ୍ତି ତେବେ ଶ୍ରମ ସାର୍ଥକ ହେଲା ବୋଲି ବିବେଚନା କରିବି । କିମଧିକଂ ବିଦ୍ୱତ୍ ପ୍ରବରେଷୁ **।। ଇତ୍ୟୋମ୍ ।**

**ବିଦୁଷାଂ ବଶମ୍ବଦଃ**
**ବାନପ୍ରସ୍ଥୀ ବିଶିକେସନ ଶାସ୍ତ୍ରୀ**
**ସାହିତ୍ୟାଗ୍ରର୍ଯ୍ୟ**
**ଆର୍ଯ୍ୟ ବିଭୂଷଣ**

**ସ୍ୱର୍ଣ୍ଣ ଜୟନ୍ତୀ ସମାରୋହ**
**ତା ୨୭-୧୨-୨୦୧୨**

# ସତ୍ୟାର୍ଥ ପ୍ରକାଶ ଏକ ମୂଲ୍ୟାଙ୍କନ

**ଡ଼.** ଚନ୍ଦ୍ରଭାନୁ ମହୋଦୟ ସତରେ ଥିଲେ ଜଣେ ଉଚ୍ଚକୋଟୀର ବିଦ୍ୱାନ୍ । ଡକ୍ଟରେଟ୍ କରିବା ପାଇଁ ଜଣେ ଯୋଗ୍ୟଛାତ୍ର ତାଙ୍କ ନିକଟରେ ଆସି ପହଞ୍ଚିଲେ । ତାପାଇଁ ଆଗରୁ ସେ ସ୍ୱୀକୃତି ପ୍ରଦାନ ମଧ୍ୟ କରିଥିଲେ । ତେଣୁ ତାଙ୍କୁ ଅନେକାନେକ ଗ୍ରନ୍ଥ ଅଧ୍ୟୟନ କରିବାକୁ ପଡ଼ିଲା । କିନ୍ତୁ ସତ୍ୟାର୍ଥ ପ୍ରକାଶ ପୁସ୍ତକ ଯେତେବେଳେ ତାଙ୍କର ହସ୍ତଗତ ହେଲା, ସେ କହିଥିଲେ ବର୍ଷବର୍ଷଧରି ରାତିଦିନକୁ ଏକକରି ଅନେକ ପୁସ୍ତକରୁ ଯା କିଛି ମୁଁ ପାଇଥିଲି ସେ ସବୁରୁ ଅନେକ କିଛି ଏହି ଗୋଟିଏ ମାତ୍ର ପୁସ୍ତକରେ ସନ୍ନିବେଶିତ ହୋଇ ରହିଛି । ମୋର ଦୁର୍ଭାଗ୍ୟ ଯେ ଏ ପୁସ୍ତକକୁ ପ୍ରଥମରୁ ମୁଁ ପାଇପାରିଲି ନାହିଁ କାହିଁକି ? ବାସ୍ତବିକ୍ ସତ୍ୟାର୍ଥ ପ୍ରକାଶ ହେଉଛି ଜ୍ଞାନର ଏକଗନ୍ତାଘର । ଶାସ୍ତ୍ରର ପରିଭାଷା ଜଣାଇବାକୁ ଯାଇ ହିତୋପଦେଶରେ କଥିତ ହୋଇଛି........

**ଅନେକ ସଂଶୟୋଚ୍ଛେଦୀ ପରୋକ୍ଷାର୍ଥସ୍ୟ ଦର୍ଶକମ୍ ।**
**ସର୍ବସ୍ୟ ଲୋଚନଂ ଶାସ୍ତ୍ରଂ ଯସ୍ୟ ନାସ୍ତ୍ୟନ୍ଧ ଏବ ସଃ ॥**

ଶାସ୍ତ୍ର ଅନେକ ସଂଶୟକୁ ଦୂରକରେ । ନ ଦେଖିଥିବା ବିଷୟକୁ ଦର୍ଶନ କରାଇଦିଏ । ସମସ୍ତଙ୍କ ଅନ୍ତର୍ନିହିତ ନେତ୍ର ମଧ୍ୟ ଅଟେ । ଯା ନିକଟରେ ଶାସ୍ତ୍ରରୂପକ ନେତ୍ର ନାହିଁ ତାର ପ୍ରକୃତ ଆଖି ଥିଲେ ମଧ୍ୟ ସେ ଅନ୍ଧ ହୋଇଥାଏ । ଶାସ୍ତ୍ରର ଏସବୁ ଲକ୍ଷଣ ସତ୍ୟାର୍ଥ ପ୍ରକାଶରେ ନିହିତ ହୋଇ ରହିଛି । ତାକୁ ପଢ଼ିଲେ ବିଭିନ୍ନ ସନ୍ଦେହ ଦୂର ହୋଇଥାଏ । କିପରି ଓ କେଉଠିଁ ସଂସାର ନିର୍ମିତ ହେଲା,





ମୃତ୍ୟୁପରେ ଜୀବର ଅବସ୍ଥା କଣ ହୁଏ ? ଏସବୁ ଅପ୍ରତ୍ୟକ୍ଷ ତଥ୍ୟମାନ ଏଥିରୁ ଜଣାପଡ଼େ ତଥା ଜ୍ଞାନଚକ୍ଷୁକୁ ପୂର୍ଣ୍ଣରୂପେ ଖୋଲିଦିଏ । ଏଣୁ କୁହାଯାଇଥାଏ ସତ୍ୟାର୍ଥ ପ୍ରକାଶ ପଢ଼ିନଥିବା ବ୍ୟକ୍ତି ଜ୍ଞାନ କ୍ଷେତ୍ରରେ ପ୍ରକୃତ ଅନ୍ଧ ଅଟେ ।

## ୧
## ସନ୍ଦେହ ନିବାରକ

ଆମୂଳଚୂଳ ସତ୍ୟାର୍ଥ ପ୍ରକାଶକୁ ପଢ଼ନ୍ତୁ, ତନ୍ମଧ୍ୟରେ ଏପରି ଗୋଟିଏ ପୃଷ୍ଠାମଧ୍ୟ ପାଇ ପାରିବେ ନାହିଁ, ଯେଉଁ ପୃଷ୍ଠାରେ ସନ୍ଦେହର ନିରାକରଣ କରାଯାଇନାହିଁ । ଅନେକ ଧାର୍ମିକ ବାଦବିବାଦରେ ପଡ଼ିଥିବା ବ୍ୟକ୍ତିମାନେ ସତ୍ୟାର୍ଥ ପ୍ରକାଶର ମାର୍ଗ ଅନ୍ୱେଷଣ କଲେ, ହସ୍ତାମଳକବତ୍ **(Enystol elear)** ସତ୍ୟକୁ ପ୍ରକାଶନ କରିବାରେ ସତ୍ୟାର୍ଥ ପ୍ରକାଶ ହେଉଛି ଏକ ଅଦ୍ୱିତୀୟ ଗ୍ରନ୍ଥ । ତାକୁ ପଢ଼ିବାମାତ୍ରେ ଏପରି ଅନୁଭୂତ ହୋଇଥାଏ ମଣିଷ ସତରେ ଘନଘୋର ଅନ୍ଧକାର ମଧ୍ୟରେ ପ୍ରକାଶ ପାଇପାରିଛି । **'ତମସୋ ମା ଜ୍ୟୋତିର୍ଗମୟ'**ର ପ୍ରାର୍ଥୀମାନେ ଏହାକୁ ପାଠକରିବା ଏକାନ୍ତ ଆବଶ୍ୟକ । କାରଣ ତହିଁରୁ ପ୍ରକୃତମାର୍ଗ ଆପଣମାନେ ସମସ୍ତେ ପାଇପାରିବେ ।

ଥରେ ଆକସ୍ମିକଭାବେ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ଜଣେ ନବଯୁବକଙ୍କ ସହିତ ମୋର ଦେଖାହେଲା । ସେ କଥା ପ୍ରସଙ୍ଗରେ କହିଲେ ମୁଁ ହେଉଛି ଜଣେ ଆର୍ଯ୍ୟସମାଜୀ । ଲୋଭ ସମ୍ବରଣ କରିନପାରି ମୁଁ ପଗ୍ଚାରିଲି ଆପଣ କିପରି ଆର୍ଯ୍ୟସମାଜୀ ହେଲେ ? ଉତ୍ତର ମିଳିଲା ବହୁ ବାଧାବିଘ୍ନ ଓ ସମସ୍ୟାର ସମ୍ମୁଖୀନ ହୋଇ ଶେଷରେ ମୁଁ ଆର୍ଯ୍ୟସମାଜୀ ହେବାପାଇଁ ବାଧ୍ୟ ହୋଇଥିଲି । ଦୟାକରି ସେ ବିଷୟ ଶୁଣାଇବେ କି ? ସେ ଆଗ୍ରହର ସହିତ

ଆରମ୍ଭ କଲେ......ମୁଁ ହେଉଛି ଜଣେ ସାଧାରଣ ଗ୍ରାମବାସୀ । ବାଲ୍ୟକାଳରୁ ଧର୍ମକର୍ମ ପ୍ରତି ମୋର ପ୍ରଗାଢ଼ ରୁଚି ରହିଥିଲା । ବହୁଦିନରୁ ଆମ ଗାଆଁରେ ଶିବ ମନ୍ଦିରଟିଏ ଥାଏ । ପ୍ରତିଦିନ ସକାଳୁ ମୁଁ ଶିବମନ୍ଦିରକୁ ଯାଏଁ ଓ ଶିବଙ୍କୁ ଦର୍ଶନ କରି ଜଳାଭିଷେକ ମଧ୍ୟ କରେ । ଶେଷରେ ଭକ୍ତିପୂତଭାବେ ଶିବଙ୍କୁ ନମସ୍କାର କରି ଫେରିଆସେଁ । ଯେଉଁମାନଙ୍କ ସହିତ ମୋର ଦେଖାହୁଏ ସେମାନଙ୍କ ମଧ୍ୟରୁ କିଏ ଶିବଶିବ, କିଏ ଜୟଗୋପାଳ କିଏ, ଜୟଗଣେଶ କିଏ, ଜୟଶ୍ରୀରାମ୍ କିଏ, ବା ଜୟମାତାଦୀ କହି ଅଭିବାଦନ ଜଣାଇଥାନ୍ତି । ଏସବୁକୁ ଶୁଣି ମୋର କୋମଳ ହୃଦୟରେ ଭାବନା ଜାତ ହେଲାଯେ ଏ ସମସ୍ତଙ୍କ ମଧ୍ୟରେ କିଏ ସେ ହେଉଛନ୍ତି ଅସଲି ଓ ପ୍ରକୃତ ଭଗବାନ୍ ? ଏ ବିଷୟରେ ମନମୋର ସଦାସର୍ବଦା ଗୋଳେଇ ଘାଣ୍ଟି ହେବାରେ ଲାଗିଲା ।

ଥରେ ଜଣେ ସାଧୁ ଆମ ଗାଆଁରେ ଆସି ପହଞ୍ଚିଲେ । ସେ ଅଧିକାଂଶ ସମୟ ଗଞ୍ଜେଇ ଟଣାରେ ବ୍ୟସ୍ତ ରହୁଥିଲେ । ଯେଉଁମାନେ ତାଙ୍କ ନିକଟକୁ ଯାଉଥିଲେ ସେହି ଭକ୍ତମାନଙ୍କୁ ମଧ୍ୟ ସେ ଗଞ୍ଜେଇ ଟାଣିବାପାଇଁ ଦେଉଥିଲେ । ସେପରି ଅଭ୍ୟାସ ଯଦିଓ ମୋ ନିକଟରେ ନଥିଲା ତଥାପି ଦିନେ ତାଙ୍କ ନିକଟକୁ ଯାଇ ହାତଯୋଡ଼ି ପଚାରିଲି......ସାଧୁ ମହାରାଜ ! ସମସ୍ତଙ୍କ ମଧ୍ୟରେ କିଏ ଅସଲି ଓ ବଡ଼ ଭଗବାନ୍ ଅଟନ୍ତି ? ଏ ବିଷୟର ସମାଧାନ ମୁଁ କରିପାରୁ ନାହିଁ । ସେ ଥିଲେ ଜଣେ ଶିବଭକ୍ତ ତତ୍କ୍ଷଣାତ୍ ଉତ୍ତର ଦେଲେ ସର୍ବାପେକ୍ଷା ବଡ଼ ଭଗବାନ୍ ହେଉଛନ୍ତି ଦେବଦେବ ମହାଦେବଶିବ । ତାପରେ ଗୁରୁତ୍ୱ ଦେଇ ପ୍ରକାଶ କଲେ ସମସ୍ତ ଦେବତା ଶିବଙ୍କ ସମ୍ମୁଖଭାଗରେ ହାତ ଯୋଡ଼ି ଦଣ୍ଡାୟମାନ ହୋଇରହୁଥିଲେ । **ତ୍ରାହିମାଂ, ତ୍ରାହିମାଂ** ଡାକ ମଧ୍ୟ ପକାଉଥିଲେ । ସମସ୍ତେ ତାଙ୍କୁହିଁ ପୂଜା କରିଥାନ୍ତି । ଭଗବାନ୍ ରାମଚନ୍ଦ୍ର ମଧ୍ୟ ଲଙ୍କା ଗଡ଼କୁ ଆକ୍ରମଣ





କରିବାକୁ ଯିବା ପୂର୍ବରୁ ପ୍ରଥମେ ଶିବଙ୍କୁ ହିଁ ପୂଜା କରିଥିଲେ । ବିଷ୍ଣୁଙ୍କର ଅବତାର ହେଉଛନ୍ତି ଶ୍ରୀରାମଚନ୍ଦ୍ର । ବିଜୟଲାଭପାଇଁ ବିଷ୍ଣୁ ଭଗବାନ୍‌ମଧ୍ୟ ଏକଦା ଶିବଙ୍କର ଆଶ୍ରୟ ନେଇଥିଲେ । ତେଣୁ ଶିବ ହେଉଛନ୍ତି ସର୍ବାପେକ୍ଷା ଜ୍ୟେଷ୍ଠ ଓ ଶ୍ରେଷ୍ଠ ଦେବତା । ଏଥିରେ ସନ୍ଦେହ କରିବାର କାରଣ ବା କଣ ଅଛି ? ଅର୍ଥାତ୍ କୌଣସି କାରଣ ନାହିଁ । ଶିବ ସର୍ବାପେକ୍ଷା କିପରି ଯେ ବଡ଼ ଅଟନ୍ତି ? ଦେଖ ଯେ ଦେବଗଣ ଅଳ୍ପ ଦେଇଥାନ୍ତି । କିନ୍ତୁ ଶିବ ହେଉଛନ୍ତି ମହାଦାନୀ । ଭକ୍ତମାନଙ୍କ ମଧ୍ୟରେ ସେ ସବୁକିଛିକୁ ବାଣ୍ଟି ଦେଇଥାନ୍ତି । ସେ ନିଜ ନିକଟରେ କିଛିହିଁ ରଖନ୍ତି ନାହିଁ । ସାଧୁମହାରାଜଙ୍କ କଥାର ପ୍ରଭାବ ମୋ ଉପରେ ଗଭୀରଭାବେ ପଡ଼ିଲା । ଶିବଙ୍କୁ ଭକ୍ତି କରୁଥିବାରୁ ମୁଁ ନିଜକୁ ଅହୋଭାଗ୍ୟ ବୋଲି ବିବେଚନା କଲି । ଶିବଙ୍କ ପ୍ରତି ମୋର ଭକ୍ତିଭାବ ଦୃଢରୁ ଦୃଢ଼ତର ପରେ ଦୃଢ଼ତମ ହେବାରେ ଲାଗିଲା । ତେଣୁ ମୁଁ ଜଣେ ପ୍ରଥମ ଶ୍ରେଣୀର ଶିବଭକ୍ତ ପାଲଟି ଗଲି । ସାଧୁ ଶିକ୍ଷା ଦେଇଥିବା ଓଁ ନମଃ ଶିବାୟ ମନ୍ତ୍ରକୁ ଅହରହ ଜପିବାରେ ଧ୍ୟାନ ଦେଲି । ପ୍ରକୃତ ରାସ୍ତା ମିଳିଯାଇଥିବାରୁ ଆନନ୍ଦରେ ଗଦ୍‌ଗଦ୍ ହୋଇ ନିଶ୍ଚିନ୍ତ ହୋଇ ରହିଲି ।

ମୋ ଭାଗ୍ୟରେ ବୋଧେ ଶାନ୍ତି ନଥିଲା । କାରଣ ଥରେ ଆମ ଗ୍ରାମର ଜଣେ ବଡ଼ଲୋକ ଦେବୀଙ୍କର ଜାଗରଣ ଯାତ୍ରାର ଆୟୋଜନ କଲେ । ଧାର୍ମିକ ଅନୁଷ୍ଠାନ ବିଚାରି ମୁଁ ମଧ୍ୟ ଯୋଗଦାନ କରିଥିଲି । ରାତିସାରା ମାଇକ୍‌ରେ ଦେବୀଙ୍କର ଏପରି ଅଦ୍ଭୁତ ଗୁଣାବଳୀ ଗାନ କରାଗଲା, ସେ ସବୁକୁ ଶୁଣି ମୁଁ ଏକାବେଳକେ ଅଭିଭୂତ ହୋଇପଡ଼ିଲି । ଭଜନ ମଝିରେ ମଝିରେ ପ୍ରବଚନ ମାଧ୍ୟମରେ ଦେବୀଙ୍କର ଏପରି ଅଦ୍ଭୁତ ମହିମାସବୁକୁ ଗାନକରାଗଲା ସମସ୍ତ ଶ୍ରୋତା ଦେବୀଙ୍କର ଭକ୍ତ ହେବାପାଇଁ ତତ୍କ୍ଷଣାତ୍ ଆଗେଇ ଆସିଲେ । ଦେବୀପରା ପୁତ୍ରହୀନ ମାଆମାନଙ୍କୁ ପୁତ୍ର ଦାନ କରନ୍ତି, ଦୀନ ଦରିଦ୍ର ଲୋକର ଘରକୁ ଧନ-

ଧାନ୍ୟରେ ପରିପୂର୍ଣ୍ଣକରି ଦିଅନ୍ତି । ଯେତେବଡ଼ ଆପଦ ବିପଦ ପଡୁନା କାହିଁକି ଭକ୍ତମାନଙ୍କୁ ତହିଁରୁ ରକ୍ଷା କରନ୍ତି । ଦୁର୍ଘଟଣାଦିରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ ବଞ୍ଚାଇ ଦିଅନ୍ତି । ସେ ମହାବଳଶାଳୀ ଦୁର୍ଦ୍ଧର୍ଷ ଅସୁରମାନଙ୍କୁ ସଂହାର କରିଥିଲେ । ସତରେ ମାଁ ଦେବୀଙ୍କର କି ଅଦ୍ଭୁତଶକ୍ତି ? କି ଅଦ୍ଭୁତ ମହିମା ? ସତ କହିବାକୁ ଗଲେ ଜଣେ ଦେବତାଙ୍କର ଏତେ ଗୁଡାଏ ମହିମାଥିବା ବିଷୟ ପ୍ରଥମଥର ପାଇଁ ମୁଁ ତାଙ୍କଠାରୁ ଶୁଣିବାକୁ ପାଇଲି ।

ସକାଳ ହେଲା । ନିଦ୍ରା ତ୍ୟାଗ କଲାମାତ୍ରକେ ମଣ୍ଡଳୀର ସଭାପତିଙ୍କ ନିକଟକୁ ଚାଲିଯାଇ ପଚାରିଲି......ପ୍ରକୃତରେ କିଏ ସେ ହେଉଛନ୍ତି ଶ୍ରେଷ୍ଠ ଭଗବାନ୍ ? ଏ ପ୍ରକାର ପ୍ରଶ୍ନ ଉପସ୍ଥାପନ କରିବା ଦେଖି, ସେ ମୋ ପ୍ରଶ୍ନର ଉତ୍ତର ନ ଦେଇ ଓଲଟି ମୋତେ ପଚାରିଲେ...ତେବେ ତୁମେ କୁହ ଦେଖି ସଂସାରରେ ମାଆ ବଡ଼ ନା ପୁଅମାନେ ବଡ଼ ? ଉତ୍ତର ଦେଲି ମାଆ ହେଉଛନ୍ତି ବଡ଼ । ପରେ କହିଲେ ମାଆ ଦେବୀ ନା ଶିବ ଦେବୀ ? କହିଲି ଦେବୀ ହେଉଛନ୍ତି ମାଆ । ସେ କହିଲେ.....ଶିବଙ୍କର ସବୁକିଛି ମାହାତ୍ମ୍ୟ ଶକ୍ତିରୂପିଣୀ ମାଆଙ୍କ କାରଣରୁ ହୋଇଥିଲା । ଯଦି ଶିବଙ୍କଠାରୁ ଶକ୍ତିରୂପୀ 'ଇ' କୁ ବାହାର କରିଦିଆଯାଏ ତେବେ ଶିବମଧ୍ୟ ଶବରେ ପରିଣତ ହୋଇଯିବେ । ଶବ କାହାକୁ କୁହାଯାଏ ଜାଣିଛ ? ଉତ୍ତର 'ମୂର୍ଦ୍ଧାରଙ୍କୁ' ପ୍ରାଣହୀନଙ୍କୁ ? ଏବେ କହ ଶବ କେବେ କଣ କେଉଁଠି କାହାର କିଛି କରିପାରେ ? ତାସହିତ ଶକ୍ତି ରୂପିଣୀ 'ଇ' ଯଦି ଯୁକ୍ତ ହୋଇଯାଏ ତେବେ ସେ ଶିବ ପାଲଟି ଯାଏ । ଲୋକମାନଙ୍କଠାରୁ ବହୁଳଭାବେ ପୂଜାମଧ୍ୟ ପାଇଥାଆନ୍ତି । ଏହି କାରଣରୁ ପ୍ରକୃତ ତତ୍ତ୍ୱ ଦେବୀରୂପୀ ଶକ୍ତି ଅଟନ୍ତି । ଦେବୀ ହେଉଛନ୍ତି ସବୁଠାରୁ ଅସଲି, ମହାନ୍ ଓ ସତ୍ୟ । ଏଥିରେ ସନ୍ଦେହ କରିବାର କୌଣସି କାରଣ ହିଁ ନାହିଁ ।



ସତ୍ୟାର୍ଥ ପ୍ରକାଶ ଏକ ମୂଲ୍ୟାଙ୍କନ

ତାଙ୍କଠାରୁ ଏସବୁ କଥା ଶୁଣିବା ପରେ ମୁଁ ଯେଉଁ ପୂଜାକରି ଆସୁଥିଲି ତା ପ୍ରତି ମୋର ପ୍ରବଳ ଘୃଣାଭାବ ଜାତ ହେଲା । ଏତେଦିନ ଶିବ ଭଗବାନଙ୍କୁ ମୁଁ ଯେଉଁ ପୂଜା କଲି ସେ ସବୁ ପାଣିର ଗାର ହୋଇଗଲା । ମାଆ ଦେବୀଙ୍କୁ ଅନେକ ଅନେକ ଧନ୍ୟବାଦ ଅର୍ପଣ କରୁଛି ଯେଣୁ ସେ କୃପାକରି ମୋତେ ତାଙ୍କ ନିକଟକୁ ଟାଣି ଆଣିଲେ । ନିଜ ପ୍ରକୃତରୂପ, ପ୍ରକୃତ ଗାରିମା ସବୁ ମୋତେ ଜଣାଇଦେଲେ । ସତରେ ମାଆଦେବୀଙ୍କର ମହିମା ହେଉଛି ଅପାରୁ ଅପାର । ତେଣୁ ତାଙ୍କରି ଭକ୍ତମାନେ ସାରାରାତି ନାଚୁଥିଲେ ଗାଉଥିଲେ ମଧ୍ୟ ସେମାନେ କେବେ ଥକି ଯାଉନଥିଲେ । ପରେ ଶୁଣିବାକୁ ପାଇଲି ଭକ୍ତମାନେ ମଦ୍ୟପାନକରି ଗାଇଥାନ୍ତି ଓ ନାଚିଥାନ୍ତି । ତଥାପି ସେ ସମୟରେ ହିଁ ସିଂହବାହିନୀ ଦୁର୍ଗା ମୋର ଆରାଧ୍ୟା ଦେବୀ ପାଲଟି ଗଲେ । ପ୍ରକୃତ ସାଥୀ ଯଦିମିଳି ଯାଆନ୍ତି ତେବେ କିଏ କଣ ମୂର୍ତ୍ତି ସହିତ ଖେଳିବାକୁ ଚାହିଁବ ? ଏହା ବିଚାରି ତାପର ମୁହୂର୍ତ୍ତରୁ ଦେବୀଙ୍କର ପରମ ଭକ୍ତ ହୋଇ ଦେବୀଙ୍କର ମହିମା ପ୍ରଚାର କରିବାରେ ଲାଗିପଡ଼ିଲି । ଯେଉଁ ସମୟରେ ଯଦି କୌଣସି ବନ୍ଧୁ ବାନ୍ଧବଙ୍କ ଘରକୁ ଯାଏଁ, ସେ ସମୟରେ ଦେବୀଙ୍କର ଭଜନଗାନ କରି ତାଙ୍କ ମହିମା ବଖାଣି ସେମାନଙ୍କୁ ମଧ୍ୟ ଦେବୀଙ୍କର ଭକ୍ତ ହେବାପାଇଁ ଅନୁରୋଧ କରିଥାଏଁ ।

ମୋର ଏହି ଉତ୍ସାହ ଓ ଉନ୍ମାଦନା ଗୋଟିଏ ବର୍ଷ ମଧ୍ୟ ପୂର୍ଣ୍ଣ ହୋଇନାହିଁ, ତାପ୍ରତି ମଧ୍ୟ ବାଧା ଆସି ପହଞ୍ଚିଗଲା । ଥରେ ଜଣେ ସନ୍ନ୍ୟାସୀ ଆମଗାଆଁର ବ୍ରାହ୍ମଣମାନଙ୍କ ନିକଟରେ ଆସି ପହଞ୍ଚିଗଲେ । ସେ କିନ୍ତୁ ଅନ୍ୟ କେହି ରାନ୍ଧିଥିବା ଖାଦ୍ୟକୁ ଖାଉ ନ ଥିଲେ । ନିଜ ହାତରେ ହିଁ ନିଜଖାଦ୍ୟ ସେ ପ୍ରସ୍ତୁତ କରୁଥିଲେ । ପ୍ରକୃତରେ ସେ ଜଣେ ବିଦ୍ୱାନ୍ ଥିଲେ । ସଦା ସର୍ବଦା ସଂସ୍କୃତରେ ସେ କଥାବାର୍ତ୍ତା କରୁଥିଲେ । ବିଷ୍ଣୁଭଗବାନଙ୍କ ସମ୍ପର୍କରେ ସେ ଭାଷଣ ଦେଇଥିଲେ ।

ବିଷ୍ଣୁ ଭଗବାନଙ୍କ ମାହାତ୍ମ୍ୟ ବିଷୟରେ କହିବାକୁଯାଇ କିପରି ସେ ମୋହନୀରୂପ ଧାରଣକରି କୌଶଳରେ କିପରି ଦୈତ୍ୟମାନଙ୍କ ଠାରୁ ଅମୃତ ଉଦ୍ଧାର କରିଥିଲେ । ସେପରି କାର୍ଯ୍ୟ ଯଦିସେ କରିନଥାନ୍ତେ ତେବେ ଅସୁରଗଣ ଅମୃତପାନକରି ଅମର ହୋଇ ଯାଇଥାନ୍ତେ । ଭିନ୍ନଭିନ୍ନ ଅବତାର ଧାରଣକରି ମହାବଳଶାଳୀ ଅସୁରମାନଙ୍କୁ କିପରି ନିଧନ କରିଥିଲେ ଓ ନିଜ ଭକ୍ତମାନଙ୍କ ଜୀବନ ରକ୍ଷା କରିଥିଲେ ? ସୁଦର୍ଶନ ଚକ୍ରଦ୍ୱାରା କିପରି ସେ ପ୍ରବଳ ପରାକ୍ରମୀ ରାହୁର ଶିର ଛେଦନ କରିଥିଲେ । ଏପରି କେତେଗୁଡିଏ କଥା ସେ ସୁନ୍ଦରଭାବେ ତନ୍ନତନ୍ନକରି ବୁଝାଇଥିଲେ ।

ତାଙ୍କ କଥାରେ ମୁଁ ପ୍ରଭାବିତ ହୋଇ ଦିନେ ତାଙ୍କ ଚ଼ରଣ କମଳ ନିକଟରେ ଯାଇ ପହଞ୍ଚିଗଲି । ବାଧ୍ୟ ହୋଇ ତାଙ୍କ ନିକଟରେ ମୋ ସମସ୍ୟା ଉପସ୍ଥାପନ କରିବାକୁ ଯାଇ କହିଲି...... ମହାତ୍ମନ୍ ! ଏ ସଂସାରରେ ଅସଲି ଭଗବାନ୍ ହେଉଛନ୍ତି କିଏ ? ଯିଏ କି ସମସ୍ତ ଦେବତାଙ୍କ ମଧ୍ୟରେ ଜ୍ୟେଷ୍ଠ ଓ ଶ୍ରେଷ୍ଠ ଅଟନ୍ତି ? ମୋର ଏପରି ପ୍ରଶ୍ନକୁ ଶୁଣି ପ୍ରଥମେ ସେ ବହେ ହସିଲେ । ପରେ କହିଲେ ତେବେ ଭଗବାନ୍ କଣ ଅନେକ ଅଛନ୍ତି ? ମୁଁ ଉତ୍ତର ଦେଲି ଶିବ, ଗଣେଶ, ବ୍ରହ୍ମା, ଦେବୀ ଏମାନେ ସମସ୍ତେ ହେଉଛନ୍ତି ଜଣେ ଜଣେ ଭଗବାନ୍ । କିନ୍ତୁ ସେମାନଙ୍କ ମଧ୍ୟରେ ଶ୍ରେଷ୍ଠ କିଏ ? ଉତ୍ତର ଦେବାକୁଯାଇ ସେ ପ୍ରକାଶ କଲେ....ସେ ସମସ୍ତଙ୍କୁ ଅବଶ୍ୟ ଦେବତା କୁହାଯାଇ ପାରିବ । କିନ୍ତୁ ସେମାନଙ୍କ ମଧ୍ୟରୁ କେହି ଜଣେ ମଧ୍ୟ ଭଗବାନ୍ ନୁହନ୍ତି । ଅସୁରମାନଙ୍କୁ ସଂହାରକରି ଭଗବତ୍ ଭକ୍ତମାନଙ୍କ ସୁରକ୍ଷା ନିମିତ୍ତ ଭଗବାନ୍ ଅନେକ ଅବତାର ନେଇଥାନ୍ତି । ତେବେ ଆପଣ ନିଜେ କୁହନ୍ତୁ ଆପଣ ଯେଉଁ ଦେବତାମାନଙ୍କୁ କହିଲେ ତନ୍ମଧ୍ୟରୁ କେହି କେବେ କଣ ଅବତାର ଗ୍ରହଣ କରିଥିଲେ ? ଉତ୍ତର





ଦେଲି ବିଷ୍ଣୁ ଭଗବାନ୍ ଅବତାର ଗ୍ରହଣ କରିଥିଲେ । ଏହା ଶୁଣି ସେ କହିଲେ..... ଯାହାର ଅବତାର ହୋଇଥିଲା ସେ ଅସଲି ହେବେ ନା ଅନ୍ୟ କେହି ଅସଲି ହେବେ ?

ମୋ ଦୁଇଆଖିରେ ଯେଉଁ ପରଦା ପଡ଼ିଥିଲା ତାହା ତତ୍କ୍ଷଣାତ୍ କୁଆଡ଼େ ଅନ୍ତର୍ହିତ ହୋଇଗଲା । ଭାବିଲି ଗଣେଶ ଦେବତା, ଶିବ ଦେବତା କିମ୍ବା ଦେବୀ ଏମାନେ ସମସ୍ତେ କେବଳ ଦେବତା ଅଟନ୍ତି, କେହି କେବେମଧ୍ୟ ଭଗବାନ୍ ହୋଇ ପାରିବେ ନାହିଁ । ସମସ୍ତ ବକ୍ତା ମଧ୍ୟ କହିଥାନ୍ତି ସୃଷ୍ଟିର ପାପକୁ ନାଶ କରିବାପାଇଁ, ଅସୁରମାନଙ୍କୁ ବିନାଶକରି ଭକ୍ତମାନଙ୍କୁ ଉଦ୍ଧାର କରିବାପାଇଁ ଭଗବାନ୍ ବିଭିନ୍ନ ସମୟରେ ମତ୍ସ୍ୟ, କୂର୍ମ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବୁଦ୍ଧ ଆଦିଙ୍କ ଅବତାର ନେଇଥିଲେ । ପୁଣି ଭବିଷ୍ୟତରେ କେବେ କଳ୍କି ଅବତାର ମଧ୍ୟ ନେବେ । ଏସବୁ କିଛି ହେଉଛି ସେହି ବିଷ୍ଣୁ ଭଗବାନ୍ଙ୍କର । ସତ କହିବାକୁ ଗଲେ ବିଷ୍ଣୁହିଁ ହେଉଛନ୍ତି ଭଗବାନ୍ । କ୍ଷୀର ସାଗରରେ ଶେଷନାଗ ଶଯ୍ୟାରେ ସେ ଶୋଇଥାନ୍ତି । ତାଙ୍କର ଚ଼ରଣ ଯୁଗଳକୁ ମାତା ଲକ୍ଷ୍ମୀ ଘସି ଦେଉଥାନ୍ତି, ଏପରି ଭଗବାନଙ୍କୁ ତ୍ୟାଗକରି ଅନ୍ୟ କାହାକୁ ପୂଜାକରିବା ବୁଦ୍ଧିମାନ୍ ଲୋକଙ୍କର କାମ ନୁହେଁ । ଯେଉଁ ଲକ୍ଷ୍ମୀଙ୍କୁ ପାଇବାପାଇଁ ସଂସାର ଆଜି ଅନ୍ଧ ପାଲଟି ଯାଇଛି, ତାଙ୍କ ପଛରେ କେବଳ ଗୋଡ଼ାଇବାରେ ଲାଗିଛି, ସେହି ମାତାଲକ୍ଷ୍ମୀ ହିଁ ହେଉଛନ୍ତି ତାଙ୍କର ଚ଼ରଣ ସେବକ । ସତ କହିବାକୁ ଗଲେ ଲୋକଙ୍କର ଗୁରୁ କୌଣସି ନା କୌଣସି ବିଦ୍ୱାନ୍ ବ୍ୟକ୍ତି ହେବା ଆବଶ୍ୟକ । ବିଦ୍ୱାନ୍ ବ୍ୟକ୍ତିଙ୍କ ଅଭାବରୁ ଆଜି ପର୍ଯ୍ୟନ୍ତ କେବଳ ମୁଁ ଦେବତାମାନଙ୍କ ପଛରେ ଗୋଡେଇ ଥିଲି । ବର୍ତ୍ତମାନ ପ୍ରକୃତ ଭଗବାନଙ୍କୁ ମୁଁ ଉପଲବ୍ଧି କରିପାରିଲି । ସେହି ଅସଲି ଭଗବାନ୍ ହେଉଛନ୍ତି କେବଳ ବିଷ୍ଣୁ । ମୁଁ ଆନନ୍ଦରେ ଉଦ୍‌ବେଳିତ

ହୋଇ ପଡ଼ିଲି । କାରଣ ଅସଲି ଭଗବାନଙ୍କ ଠିକଣା ଆଜି ମୋତେ ଠିକ୍‌ଭାବେ ମିଳିଗଲା ।

କିନ୍ତୁ ଏହି ଅଭିଭୂତ ହେବାର ଭୂତମଧ୍ୟ ବହୁଦିନ ପର୍ଯ୍ୟନ୍ତ ସବାର୍ ହୋଇ ରହିପାରିଲା ନାହିଁ । କାରଣ ଥରେ ମୁଁ କାର୍ତ୍ତିକ ପୂର୍ଣ୍ଣିମାଦିନ ହରିଦ୍ୱାରକୁ ଯାଇଥିଲି । ସେଠାରେ ଏକ ପୁସ୍ତକ ଦୋକାନରେ ବିକ୍ରୟପାଇଁ ଅନେକ ସ୍ତୋତ୍ର ବହି ଗଛିତ ହୋଇ ରହିଥାଏ । ବିଷ୍ଣୁଙ୍କ ସ୍ତୋତ୍ର ବହି ମୁଁ ମାଗିଲି, ସେ ମୋ ହାତକୁ ବଢ଼େଇ ଦେଲା । ଦେଖିଲି ମୂଲ୍ୟ ଏକଟଙ୍କା ମାତ୍ର । ପୁସ୍ତକ ଶସ୍ତା ହୋଇଥିବାରୁ ବିଭିନ୍ନ ସ୍ତୋତ୍ର ବହି କିଣିବାପାଇଁ ବାଧ୍ୟ ହୋଇଥିଲି । ଯେ କୌଣସି ପୁସ୍ତକ ଦେଖିବାରେ ଆପତ୍ତି ବା କଣ ଅଛି ? ଏହାଦ୍ୱାରା କାହାକୁ କୌଣସି ନା କୌଣସି କାର୍ଯ୍ୟ ମଧ୍ୟ ମିଳିଯାଇ ପାରେ । ସେହି ପୁସ୍ତକମାନଙ୍କ ମଧ୍ୟରୁ ଯାହାଙ୍କ ସ୍ତୋତ୍ର ପଢ଼ିଲି ସେ ହିଁ ଅଧିକ ମହତ୍ୱପୂର୍ଣ୍ଣ ଅଧିକ ପ୍ରଭାବଶାଳୀ ବୋଲି ପ୍ରତୀତି ହେଉଥାନ୍ତି । ଏସବୁ ଅବଗତ ହେବାପରେ ବିଷମ ସମସ୍ୟାରେ ପଡ଼ିଗଲି । କେବଳ ବିଷ୍ଣୁସ୍ତୋତ୍ର ଯଦି କିଣିଥାନ୍ତି ତେବେ ଅତୀବ ଉତ୍ତମ ହୋଇଥାନ୍ତା । ଏବେ ମୁଁ କରିବି କଣ ? ଶସ୍ତା ମୋହରେ ପଡ଼ି ଗୁଡାଏ ବହି କିଣିଆଣିବା ଏବେ ମୋତେ ମହଙ୍ଗା ପଡ଼ିଲା । ସେହି ବହିମାନଙ୍କ ମଧ୍ୟରେ ଚଣ୍ଡୀଦେବୀ, ବୈଷ୍ଣବୀ ଦେବୀ, ସନ୍ତୋଷୀ ଦେବୀ ପ୍ରଭୃତିଙ୍କ ସ୍ତୋତ୍ର ବହିଥାଏ । ଜଣେ ଯଦି ସନ୍ତୋଷୀ ମାତାଙ୍କ ସ୍ତୋତ୍ର ପଢ଼ିବ ଓ ତାଙ୍କ ମହିମା ଅବଗତ ହେବ ତେବେ ସେ ଅନ୍ୟ ସମସ୍ତ ଦେବୀଙ୍କୁ ଛାଡି ଦେବ । ଏବେ ମୁଁ କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ପଡ଼ିଲି । କାହାର ସ୍ତୁତି କରିବି, କାହାକୁ ଛାଡିଦେବି, ସେସବୁ ମୁଁ ନିର୍ଣ୍ଣୟ କରିପାରିଲି ନାହିଁ । ସତରେ ନିଆଁ ସହିତ ଖେଳିଲେ ହାତ ପୋଡ଼ିବା ହିଁ ସାର ହୋଇଥାଏ । ମୋର ଅବସ୍ଥା ମହରଗରୁ ଯାଇ କାନ୍ତାରରେ ପଡ଼ିବା ପରି ହେଲା ।





ଶେଷରେ ଠିକ୍ କଲି ଯଦି ଗୋଟିଏ ଗୋଟିଏ ଦିନ ଜଣ ଜଣକର ସ୍ତୋତ୍ର ପାଠ କରିବି, ତେବେ କୌଣସି ଦେବାଦେବୀ ଆଉ ନାରାଜ ହେବେନାହିଁ । ଏପରି ବିଚାର ଆସିବାମାତ୍ରେ ପ୍ରତିଦିନ ଜଣ ଜଣକର ସ୍ତୋତ୍ର କ୍ରମାନୁସାରେ ପାଠକରିବାରେ ଅବହେଳା କଲିନାହିଁ । ଏବେ ହୃଦୟରେ ମହାନ୍ ଆନନ୍ଦ ଅନୁଭବ କଲି କାରଣ କୌଣସି ଦେବୀ ଆଉ ଅସନ୍ତୁଷ୍ଟ ହେବେ ନାହିଁ, ସମସ୍ତେ ପ୍ରସନ୍ନ ହେବେ ଯେ ଆମରି ଭକ୍ତ ମଧ୍ୟ ଅଛନ୍ତି । ପରମାତ୍ମା ମୋର ବିଷମ ସମସ୍ୟାକୁ ସମାଧାନ କରି ଦେଇଥିବାରୁ ତାଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଅର୍ପଣ କରିବାରେ ଅବହେଳା କଲିନାହିଁ । ସମସ୍ତଙ୍କ ସ୍ତୋତ୍ର ଚାରି ପାଞ୍ଚଥର ପଢ଼ିବାପରେ ମାନସିକ ଶାନ୍ତି ଜାତ ହେଲା ସତ, କିନ୍ତୁ ତାମଧ୍ୟ ବହୁଦିନ ପର୍ଯ୍ୟନ୍ତ ବଳବତ୍ତର ହୋଇ ରହିପାରିଲା ନାହିଁ । କାରଣ ଆକସ୍ମିକ ଭାବେ ମନମଧ୍ୟରେ ବିଚାର ଆସିଲା ଯେ ସମସ୍ତେ କହିଥାନ୍ତି ଈଶ୍ୱର ହେଉଛନ୍ତି ଏକ ଓ ଅଦ୍ୱିତୀୟ । ଏପରି ସ୍ଥଳେ ମୁଁ ବହୁ ଦେବାଦେବୀଙ୍କର ସ୍ତୋତ୍ର ଆବୃତ୍ତି କରୁଛି । ସେମାନଙ୍କ ମଧ୍ୟରେ ସମସ୍ତଙ୍କ ଶକ୍ତି ସାମର୍ଥ୍ୟ ସମାନ ଧରଣର ନୁହେଁ, ତହିଁରୁ ବଳି ତହିଁରୁ ବଳି ବର୍ଣ୍ଣନା କରାଯାଇଛି । ପ୍ରକୃତରେ ସେ ସମସ୍ତଙ୍କ ମଧ୍ୟରେ ଯିଏ ସର୍ବଶ୍ରେଷ୍ଠ ହୋଇଥିବ, ସେ ମୋଉପରେ ନିଶ୍ଚୟ ଅସନ୍ତୁଷ୍ଟ ହେବ, ଏପରିକି ଅଭିଶାପ ଦେବାକୁ ମଧ୍ୟ ପଶ୍ଚାତ୍ପଦ ହେବ ନାହିଁ । ସେ ବିଚାରିବ ସତରେ ଏ ଲୋକଟା କେତେବଡ଼ ଓଲା । ମୋର ଏତେ ମାହାତ୍ମ୍ୟ ଥିବା ସତ୍ତ୍ୱେ ମୋତେ ମଧ୍ୟ ଅନ୍ୟମାନଙ୍କ ସହିତ ସମାନବୋଲି ବିବେଚନା କରୁଛି । ଜଣେ ରାଜା ଓ ଅନ୍ୟଜଣେ ଚାକର, ଉଭୟଙ୍କୁ ଯଦି ସମାନ ଧରଣର ସମ୍ମାନ ପ୍ରଦର୍ଶନ କରାଯାଏ ତେବେ ରାଜା ନିଶ୍ଚୟ କ୍ଷୁର୍ଣ୍ଣ ହେବେ ଓ ଚାକର ଅତ୍ୟନ୍ତ ଉଫୁଲ୍ଲିତ ହୋଇ ପଡ଼ିବ । ଯେଣୁ ଆମେ ଧୂଆମୂଳା ଓ ଅଧୁଆ ମୂଳାକୁ ସମାନ କରିଦେଲେ । ଏବେ ଗୁରୁତର ସମସ୍ୟାର ସମ୍ମୁଖୀନ

ହୋଇ ମୁଁ ଏକା ବେଳକେ ଅତ୍ୟନ୍ତ ନିରୁପାୟ ହୋଇ ପଡ଼ିଲି । ସତରେ ଅନ୍ୟମାନଙ୍କୁ ବାରମ୍ବାର ପଚ୍ଚାରି ତଦନୁସାରେ କାମ କରିବାରୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା । ପ୍ରକୃତରେ କେବେ କାହାକୁ କିଛି ପଚ୍ଚାରି ନଥିଲେ ଅତୀବ ଉତ୍ତମ ହୋଇଥାନ୍ତା । ଶିବ ଭଗବାନଙ୍କ ନିକଟରେ ଅତି ଆଦର ଓ ଆନନ୍ଦର ସହିତ ଯେଉଁ ଜଳାଭିଷେକ କରି ଆସୁଥିଲି ତାହାହିଁ ଏକ ପ୍ରକାର ଭଲଥିଲା । କାରଣ ତଦ୍ଦ୍ୱାରା ଛୋଟ ବଡ଼ର ପ୍ରଶ୍ନ ଉଠୁନଥିଲା କିମ୍ବା ଭୟଭ୍ରାନ୍ତିର କିଛି କାରଣ ମଧ୍ୟ  ନଥିଲା । ଆବଳଦ ମୋତେ ବିନ୍ଧପରି ନିଜେ ନିଜେ ମୁଁ ଆପଦ ବିପଦକୁ ବରଣ କରିନେଲି । ଏ ସମସ୍ୟାରୁ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କେହି ମୋତେ କଦାପି ରକ୍ଷା କରିପାରିବେ ନାହିଁ । ଏ ବିଷୟରେ ଯାହାକୁ ପଚ୍ଚାରିଲି ସମସ୍ତେ ଆଗଭଳି କହିବାରେ ଲାଗିଲେ । କେହିତାର ସମାଧାନ କରିପାରିଲେ ନାହିଁ । ସମସ୍ତେ ସେମାନଙ୍କ ଆରାଧ୍ୟ ଦେବାଦେବୀଙ୍କୁ ହିଁ ବଡ଼ ବୋଲି କହୁଥିଲେ । ଏ ବିଷୟରେ ଏତେ ଚିନ୍ତିତ ହୋଇପଡ଼ିଲି ଯାଫଳରେ ମୋ ଦେହ ଶୁଖି କଳାକାଠ ପଡ଼ିଗଲା ।

ଅରକ୍ଷିତକୁ ଦଇବ ସାହାପରି, ଆମ ଗାଁର ଜଣେ ଝିଅର ବିବାହ ସଂସ୍କାର ଜନୈକ ଆର୍ଯ୍ୟସମାଜୀ ପରିବାର ମଧ୍ୟରେ ହେଉଥିଲା । ସେହି ବିବାହ ସଂସ୍କାର ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥିଲା । ତହିଁରେ ଗଣେଶ, ନବଗ୍ରହ ବା ଅନ୍ୟ କାହାରି ପୂଜାପାଠ କରାଗଲା ନାହିଁ । ଯଜ୍ଞ ହେଉଥିଲା ଓ ପ୍ରତ୍ୟେକ ବିଧି ବିଧାନର ସୁନ୍ଦରଭାବେ ବ୍ୟାଖ୍ୟା ମଧ୍ୟ କରାଯାଉଥିଲା । ସେତେଦିନ ପର୍ଯ୍ୟନ୍ତ ମୁଁ ଆର୍ଯ୍ୟସମାଜ ସହିତ କେବେ ସଂପର୍କ ସ୍ଥାପନ କରି ନଥିଲି । କାରଣ ସମସ୍ତଙ୍କ ଠାରୁ ମୁଁ ଶୁଣିଥିଲି, ଆର୍ଯ୍ୟସମାଜ ହେଉଛି ଏକ ନାସ୍ତିକ ସମାଜ । ସେମାନେ କୌଣସି ଦେବାଦେବୀଙ୍କୁ ପୂଜା କରନ୍ତି ନାହିଁ । ସେମାନେ ସମସ୍ତଙ୍କ ସହିତ





କେବଳ କଳିକଜିଆ କରିଥାନ୍ତି । ସେମାନେ ରାମ, କୃଷ୍ଣ, ବ୍ରହ୍ମା, ବିଷ୍ଣୁ ମହେଶ୍ୱର ଗଣେଶ ପ୍ରଭୃତିଙ୍କୁ ମୋଟେ ମାନନ୍ତି ନାହିଁ । କିନ୍ତୁ ଆମ ଗାଆଁରେ ଆଗରୁ ଆର୍ଯ୍ୟସମାଜର ଏକ ସଂସ୍ଥାଥିଲା । ତେଣୁ ସେହି ବିବାହ ସଂସ୍କାର ଦେଖିବାପାଇଁ ଗ୍ରାମରୁ ଅନେକ ସ୍ତ୍ରୀପୁରୁଷ ଆସି ଏକତ୍ରିତ ହୋଇଥିଲେ । ଦେଖିବାକୁ ଗଲେ ସେମାନଙ୍କ ମଧ୍ୟରେ ପ୍ରକୃତ ଶ୍ରଦ୍ଧାଳୁ ଆଙ୍ଗୁଠି ଅଗରେ ଗଣି ହେବା ଭଳି ମାତ୍ର କେତେଜଣ ଥିଲେ । କିନ୍ତୁ ନାଟକ ଦେଖିବାପାଇଁ ଅନେକଲୋକ ଆସିଥିଲେ ବୋଲି କହିଲେ ସତ୍ୟର କଦାପି ଅପଳାପ ହେବନାହିଁ । ତଥାପି ସଂସ୍କାର ସମୟରେ ଶାନ୍ତିର ବାତାବରଣ ବଜାୟ ରହିଥିଲା । ଏପରିକି ଛୋଟମାନେମଧ୍ୟ ଶାନ୍ତିରେ ବସିଥିଲେ । ଯଦି କାହାର ଆବଶ୍ୟକ ହେଉଥିଲା ତେବେ ସେମାନେ ପଦାକୁଯାଇ କଥାବାର୍ତ୍ତା ହେଉଥିଲେ । ସେହି ସଂସ୍କାର ଗାଆଁର ସମସ୍ତଙ୍କୁ ଏକାବେଳକେ ମୁଗ୍ଧ ଓ ପ୍ରଭାବିତ କରିଦେଲା । ସମସ୍ତେ କହୁଥିଲେ ଏପରି ସଂସ୍କାର ଜୀବନରେ ଆମେ କେବେ ଦେଖି ନ ଥିଲୁ । ବିବାହିତ ଜୀବନରେ ବରବଧୂଙ୍କ ପ୍ରକୃତ କର୍ତ୍ତବ୍ୟ କଅଣ ସେ ବିଷୟ ଆମେ ଉପଲବ୍ଧି କଲୁ । ଲାଜାହୋମ, ଶିଳାରୋହଣ, ସପ୍ତପଦୀର ଆବଶ୍ୟକତା କଅଣ ତା ବୁଝାଇ ଦିଆଯାଉଥିଲା । ଗୋଟିଏ ବିଷୟରେ କେବଳ ଚର୍ଚ୍ଚା ହେଉଥିଲା ଏମାନେ ସାତଥର ପରିକ୍ରମା ନକରାଇ କେବଳ ଚ୍ଚାରିଥର ପରିକ୍ରମା କରାଇଲେ । ପରେ ଜାଣିବାକୁ ପାଇଲୁ ଗୃହ୍ୟସୂତ୍ରରେ ଚ୍ଚାରିଥର ପରିକ୍ରମା କରିବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ବୋଧେ ସେମାନେ ସପ୍ତପଦୀକୁ ସାତଥର ପରିକ୍ରମା ବୋଲି ଧରି ନେଇଛନ୍ତି । ତଥାପି ସେହି ସଂସ୍କାରର ଚର୍ଚ୍ଚା ମାସେ ପର୍ଯ୍ୟନ୍ତ ଗାଆଁରେ ଚ୍ଚାଲିଥିଲା ।

ସେହି ଆର୍ଯ୍ୟ ସଜ୍ଜନଙ୍କ ସହିତ ଥରଟିଏ କିପରି ସାକ୍ଷାତାଳାପ କରିବି ତାପାଇଁ ମନ ଅଥୟ ହୋଇ ପଡ଼ିଲା । ମୋର ଏକମାତ୍ର ସମସ୍ୟାର ସମାଧାନ

ତାଙ୍କଦ୍ୱାରା ହୋଇପାରବ ବୋଲି ଦୃଢ଼ ବିଶ୍ୱାସ ଜାତ ହେଲା । କିଏ ନାସ୍ତିକ କହିଲେ ମଧ୍ୟ ସେଥିରେ ମୋର ଯାଏ ଆସେ କଣ ? କିନ୍ତୁ ଦେଖିଲି ସେମାନେ ବୁଦ୍ଧିପୂର୍ବକ ସମସ୍ତ କଥାବାର୍ତ୍ତା କରିଥାନ୍ତି । ଘରମାଲିକଙ୍କୁ କହିକି ଆସିଲି ଗୃହୀଜୀ ! କେବେ ଯଦି ସେହି ଆର୍ଯ୍ୟ ସଜ୍ଜନ ଏଠାକୁ ଆସନ୍ତି ତେବେ ଦୟାକରି ମୋତେ ସୂଚନା ଦେବେ । ଏ କଥାକୁ ନିଶ୍ଚୟ ମନେ ରଖିବେ । କାରଣ ତାଙ୍କୁ ମୋର କିଛି ପଚାରିବାର ଅଛି ।

ଦିନେପୁଣି ଶୁଣାଗଲା ସେହି ଆର୍ଯ୍ୟ ସଜ୍ଜନ ଗାଆଁକୁ ଆସିଛନ୍ତି । ସେହି ଝିଅକୁ ଛାଡ଼ିବାପାଇଁ ସେ ଗାଆଁକୁ ଆସିଥାନ୍ତି । ସେ ବିଷୟ କାନରେ ପଡ଼ିବାମାତ୍ରେ ସକାଳୁ ସକାଳୁ ଯାଇ ତାଙ୍କ ଘରେ ପହଞ୍ଚିଗଲି । ଗୃହୀଜୀଙ୍କୁ ପଚାରିବାରୁ ସେ କହିଲେ ସନ୍ଧ୍ୟୋପାସନା କରିବାପାଇଁ ଉପର ମହଲାକୁ ଯାଇଛନ୍ତି । ତା ଶୁଣି ମୁଁ ଆଶ୍ଚର୍ଯ୍ୟାନ୍ୱିତ ହୋଇପଡ଼ିଲି । ନାସ୍ତିକ ପୁଣି ସନ୍ଧ୍ୟୋପାସନା ? ଏ ବିଷୟ ମୋତେ ଆଶ୍ଚର୍ଯ୍ୟ ଲାଗିଲା । କିପରି ସେ ସନ୍ଧ୍ୟୋପାସନା କରୁଛନ୍ତି ତା ଦେଖିବାପାଇଁ ବଳବତୀ ଇଚ୍ଛା ଜାତ ହେଲା । ଘରମାଲିକଙ୍କୁ ଯିବାପାଇଁ କହିବାରୁ ସେ କହିଲେ ଚୁପ୍‌ଚାପ୍ ହୋଇ ଯଦି ବସି ରହିବେ ତେବେ ଯାଆନ୍ତୁ । ଉପରକୁ ଚାଲିଗଲି, ଦେଖିଲି ସେ ଆଖିବନ୍ଦକରି ଧ୍ୟାନମଗ୍ନ ହୋଇ ମନ୍ତ୍ରଗୁଡ଼ିକୁ ଆବୃତ୍ତି କରୁଥାନ୍ତି । ମୋତେ ଭାରି ଆନନ୍ଦ ଲାଗିଲା । ମୁଁ ମଧ୍ୟ ଛାତ ଉପରେ ତାଙ୍କୁ ଅନୁକରଣ କରି ବସିପଡ଼ିଲି । କାରଣ ତାଙ୍କ ଉପରେ ମୋର ଶ୍ରଦ୍ଧାଭାବ ଜାତ ହୋଇଥିଲା । କିଛି ସମୟ ପରେ ତାଙ୍କର ଧ୍ୟାନ ଭଗ୍ନ ହେଲା, ସେ ଆସନରୁ ଉଠି ପଡ଼ିଲେ । ମୁଁ ପାଦଛୁଇଁ ପ୍ରଥମେ ନମସ୍ତେକଲି । ପରେ ପଚାରିଲି ଆପଣ କଅଣ କରୁଥିଲେ ? ହସହସମୁଖରେ ସେ ଉତ୍ତର ଦେଲେ ସନ୍ଧ୍ୟୋପାସନା । ଦ୍ୱିତୀୟ ପ୍ରଶ୍ନ ହେଲା......ଲୋକେ ଆର୍ଯ୍ୟସମାଜୀ ମାନଙ୍କୁ ନାସ୍ତିକ ବୋଲି କହିଥାନ୍ତି, ଏ





ସମ୍ପର୍କରେ ଆପଣଙ୍କ ମତାମତ କଅଣ ? ଉତ୍ତର ଦେବାକୁ ଯାଇ ସେ କହିଲେ ଆମେ ପରମପିତା ପରମାତ୍ମାଙ୍କ ବେଦବାଣୀକୁ ପ୍ରମାଣ ବୋଲି ଗ୍ରହଣ କରିଥାଉଁ । ତଥା ବେଦବର୍ଣ୍ଣିତ କାର୍ଯ୍ୟ କରିବାପାଇଁ ପ୍ରଯତ୍ନ କରିଥାଉଁ । ବେଦାନୁସାରେ ଓ ଋଷିମୁନିମାନଙ୍କ ପଦ୍ଧତି ଅନୁସାରେ ଆମେ ସନ୍ଧ୍ୟୋପାସନା କରିଥାଉଁ । ସେମାନଙ୍କ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟ କରିବାପାଇଁ ଯତ୍ନ କରିଥାଉଁ । କିନ୍ତୁ ଅନ୍ୟ ଲୋକେ ନିଜ ଇଚ୍ଛାନୁସାରେ ପୁରାଣଗୁଡ଼ିକୁ ପ୍ରାମାଣିକଗ୍ରନ୍ଥ ବିଚାରି ପୂଜାପାଠ କରିଥାନ୍ତି । ଆମେ କିନ୍ତୁ ସେପରି କରିନଥାଉଁ । ତେଣୁ ସେମାନେ ଆମକୁ ଯଦୃଚ୍ଛାଭାବେ ନାସ୍ତିକ ବୋଲି କହିଥାନ୍ତି ଓ ଥଟ୍ଟା ପରିହାସ ମଧ୍ୟ କରିଥାନ୍ତି । ଏପରିକି ବଦନାମ୍ କରିବାପାଇଁ ତିଳେମାତ୍ର ପଶ୍ଚାତ୍ ପଦ ହୋଇନଥାନ୍ତି । ମୁଁ ପଚାରିଲି ଆପଣମାନେ ତେବେ ରାମ କୃଷ୍ଣଙ୍କୁ କାହିଁକି ମାନନ୍ତି ନାହିଁ ? ସେ ହସିହସି କହିଲେ...... ରାମ-କୃଷ୍ଣଙ୍କୁ ମାନୁନଥିବା ଲୋକଙ୍କ ଆର୍ଯ୍ୟ ପର୍ବ ପଦ୍ଧତିରେ ଜନ୍ମାଷ୍ଟମୀ, ସୀତାଷ୍ଟମୀ ତଥା ରାମନବମୀ ପର୍ବ ପାଳନ କରିବାପାଇଁ ଉଲ୍ଲେଖ ଥିବା ଦେଖିଛନ୍ତି ନା ଲୋକଙ୍କ ଶୁଣାକଥା କେବଳ କହୁଛନ୍ତି ? ବାଧ୍ୟହୋଇ କହିଲି ଆର୍ଯ୍ୟସମାଜୀମାନେ ରାମ-କୃଷ୍ଣଙ୍କୁ ମାନନ୍ତି ନାହିଁ ବୋଲି ଲୋକଙ୍କର ବଦ୍ଧମୂଳ ଧାରଣା ରହିଛି, ତେଣୁ ମୁଁ ପଚାରିଦେଲି । ସେ କହିଲେ ଭଗବାନଙ୍କୁ ବେଦରେ ଅକାୟମ୍ ଅର୍ଥାତ୍ ଶରୀର ଧାରଣ କରନ୍ତି ନାହିଁ ବୋଲି ବର୍ଣ୍ଣନା କରାଯାଇଛି । ଶରୀର ଧାରଣ କରୁଥିବା ବ୍ୟକ୍ତିମାତ୍ରକେ ଜୀବ ହୋଇଥାନ୍ତି, ସେମାନେ କେବେମଧ୍ୟ ପରମାତ୍ମା ହୋଇପାରିବେ ନାହିଁ । ତେଣୁ ଆମେ ରାମ-କୃଷ୍ଣପ୍ରଭୃତିଙ୍କୁ ଐତିହାସିକ ମହାପୁରୁଷ ବୋଲି ବିବେଚନା କରିଥାଉଁ । କିନ୍ତୁ ପୌରାଣିକମାନେ ଅଜ୍ଞାନତା ହେତୁ ସେମାନଙ୍କୁ ଭଗବାନଙ୍କ ଅବତାର ବୋଲି ବିଚାର କରିଥାନ୍ତି । ଆର୍ଯ୍ୟସମାଜୀମାନେ ତାଙ୍କୁ ପରମାତ୍ମା ବୋଲି ସ୍ୱୀକାର କରୁ ନ ଥିବାରୁ

ଆର୍ଯ୍ୟସମାଜ ଉପରେ ସେମାନେ ଏପରି ଦୋଷାରୋପ କରିଥାନ୍ତି ଏବଂ କହିଥାନ୍ତି ସେମାନେ ରାମ-କୃଷ୍ଣ ପ୍ରଭୃତିଙ୍କୁ ମାନନ୍ତି ନାହିଁ । ପରବର୍ତ୍ତୀ ମୋର ପ୍ରଶ୍ନ ହେଲା.......ତେବେ କଣ ରାମ-କୃଷ୍ଣ ଭଗବାନଙ୍କ ଅବତାର ନଥିଲେ ? ସେ କହିଲେ ଅବତାରର ଅର୍ଥ ହେଉଛି ଓହ୍ଲାଇବା । ପରମାତ୍ମା ସର୍ବ ବ୍ୟାପକ, ତେଣୁ ସେ କେଉଁଠାରେ ନାହାନ୍ତି ଯେ କେଉଁଠାକୁ ଓହ୍ଲାଇବେ ? ଯେଉଁମାନେ ଏକଦେଶୀ ସେମାନେ କେବଳ ଓହ୍ଲାଇ ପାରିବେ । ଏକଦେଶୀ କେବେମଧ୍ୟ ସର୍ବ ବ୍ୟାପକ ହୋଇନପାରେ । ଏପରି କୌଣସି କାମ ନାହିଁ ଯାହାକୁ କି ପରମାତ୍ମା କରିପାରିବେ ନାହିଁ । କାରଣ ସେ ହେଉଛନ୍ତି ସର୍ବ ଶକ୍ତିମାନ୍ । ତେଣୁ ସେ ଅନ୍ୟର ସାହାଯ୍ୟ ନ ନେଇ ସୃଷ୍ଟି ସ୍ଥିତି ପ୍ରଳୟପରି ମହାନ୍ କାର୍ଯ୍ୟକୁ ମଧ୍ୟ ଏକାକୀ ସଂପାଦନ କରିଥାନ୍ତି । ତାପାଇଁ ତାଙ୍କୁ ଶରୀର ଧାରଣ କରିବାକୁ ପଡ଼ିନଥାଏ । ଏପରିସ୍ଥଳେ କୌଣସି ବ୍ୟକ୍ତି ବିଶେଷଙ୍କୁ ମାରିବାପାଇଁ ସେ କାହିଁକି ବା ଶରୀର ଧାରଣ କରିବାକୁ ଯିବେ ? ଦେଖିବାକୁ ଗଲେ ନିର୍ମାଣ କରିବା କଷ୍ଟକର ବ୍ୟାପାର କିନ୍ତୁ ଭାଙ୍ଗିବା ହେଉଛି ଅତି ସାଧାରଣ କାର୍ଯ୍ୟ । ଭବ୍ୟଭବନ ନିର୍ମାଣ ସମସ୍ତେ କରିପାରିବେ ନାହିଁ, କିନ୍ତୁ ଅକ୍ଳେଶରେ ସମସ୍ତେ ଘରକୁ ଭାଙ୍ଗିଦେଇ ପାରିବେ । ଯଦି ଆମେ ଅବତାରକୁ ସ୍ୱୀକାର କରିବା ତେବେ ପରମାତ୍ମାକୁ ଅପୂର୍ଣ୍ଣବୋଲି ବିବେଚନା କରିବାକୁ ହେବ । ଏପରି ଅନେକ ଯୁକ୍ତିଯୁକ୍ତ ତର୍କ ମଧ୍ୟ ସେ ଦେଇଥିଲେ ।

ଏପରି କଥାବାର୍ତ୍ତା କରୁକରୁ ଆମେ ଦୁହେଁ ଆସି ତଳେ ପହଞ୍ଚିଗଲୁ । ସେ ଆସନରେ ବସିଯିବାପରେ ତାଙ୍କୁ ମୁଁ କହିଲି..... ଅନେକ ଦିନରୁ ମୋ ମନରେ ଗୋଟିଏ ବଡ଼ ଶଙ୍କା ରହିଛି । ସବୁବେଳେ ମୋତେ ତା ବ୍ୟତିବ୍ୟସ୍ତ କରି ଦେଉଛି । ତା ହେଲା ସମସ୍ତଙ୍କ ଅପେକ୍ଷା ବଡ଼ ଭଗବାନ୍ କିଏ ଅଟନ୍ତି ? ସେ କହିଲେ ଆପଣଙ୍କ ପ୍ରଶ୍ନ ମୁଁ ବୁଝିପାରିଲି ନାହିଁ । ମୁଁ ବୁଝାଇବାକୁ ଯାଇ କହିଲି





ମୋର ପ୍ରଶ୍ନ ହେଲା.....ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଦେବୀ ପ୍ରଭୃତିଙ୍କ ମଧ୍ୟରେ କିଏ ସେ ହେଉଛନ୍ତି ବଡ଼ ? ତାର ଉତ୍ତର ନ ଦେଇ ସେ କହିଲେ ଏତେବଡ଼ ପ୍ରଶ୍ନ ମାଗଣାରେ ପାଇବାକୁ କଣ ଚାହୁଁଛନ୍ତି ? ତାପାଇଁ ଯଦି କିଛି ଅର୍ଥ ଖର୍ଚ୍ଚ କରିବେ ତେବେ ପ୍ରଶ୍ନର ଉତ୍ତର ସହଜରେ ପାଇଯିବେ । ମୁଁ କହିଲି ଆପଣ ଯାହା ଚାହୁଁଛନ୍ତି ନିଅନ୍ତୁ କିନ୍ତୁ ଏ ସଙ୍କଟରୁ ମୋତେ ରକ୍ଷା କରନ୍ତୁ । ସେ କହିଲେ ଏସବୁ ଜାଣିବାକୁ ହେଲେ ଆପଣଙ୍କୁ ପାଞ୍ଚୋଟି ଟଙ୍କା ବ୍ୟୟ କରିବାକୁ ପଡ଼ିବ । ପାଞ୍ଚୋଟି କାହିଁକି ଯଦି ଚାହୁଁଛନ୍ତି ପଚାଶ ଟଙ୍କା ନିଅନ୍ତୁ, କିନ୍ତୁ ମୋ ହୃଦୟରେ ବସାବାନ୍ଧି ରହିଥିବା ଏ ଭୂତକୁ ଶୀଘ୍ର ଦୂରକରି ଦିଅନ୍ତୁ । ସେ କହିଲେ ପାଞ୍ଚୋଟିମାତ୍ର ଟଙ୍କା ଦେଲେ ଏ ଭୂତ ଚାଲିଯିବ ଓ ଆପଣଙ୍କ ପିଣ୍ଡମଧ୍ୟ ଶାନ୍ତ ହୋଇଯିବ । ମୁଁ କିଛି ନକହି ତାଙ୍କ ହାତକୁ ପାଞ୍ଚୋଟି ଟଙ୍କା ବଢ଼ାଇ ଦେଲି । ସେ ତାଙ୍କ ଝୁଲାମୁଣିରୁ ବାହାରକରି ସତ୍ୟାର୍ଥ ପ୍ରକାଶ ଖଣ୍ଡିଏ ମୋତେ ଦେଲେ । ତା ସଙ୍ଗେ ସଙ୍ଗେ କହିଲେ ଅଜ୍ଞାନ ଜନିତ ଲକ୍ଷଲକ୍ଷ ରୋଗର ଏହା ହେଉଛି ଏକମାତ୍ର ଔଷଧ । ବହି ଆଣି ତାଙ୍କୁ ନମସ୍କାର ଜଣାଇ ଘରକୁ ଫେରି ଆସିଲି ।

ଘରେ ପହଞ୍ଚିବା ମାତ୍ରକେ ସତ୍ୟାର୍ଥ ପ୍ରକାଶ ଖୋଲି ପଢ଼ିବା ଆରମ୍ଭ କରିଦେଲି । ଆଗକୁ ଯେତେ ଯେତେ ପଢୁଥାଏଁ ମୋ ମୂର୍ଖତା, ଅଜ୍ଞାନତା ଉପରେ ସେତେ ସେତେ ମୋର ହସ ଜାତ ହେଉଥାଏ । କେଉଁ ଭଗବାନ୍ ବଡ଼, କେଉଁ ଭଗବାନ୍ ଛୋଟ, ଏ ବିଷୟରେ ମୋ ହୃଦୟ ଯେଉଁ ଆଉଟୁ ପାଉଟୁ ହେଉଥିଲା ସେସବୁ ଏକାବେଳକେ ଉଭେଇଗଲା । ଜାଣିଲି ପରମାତ୍ମା ହେଉଛନ୍ତି ଏକ, କିନ୍ତୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ହେଉଛି ପରମାତ୍ମାଙ୍କ ଗୁଣବାଚକ ଭିନ୍ନଭିନ୍ନ ନାମ । ସେ ସଭିଙ୍କ କଲ୍ୟାଣ କରୁଥିବାରୁ ତାଙ୍କ ନାମଶିବ (ଶିବୁ କଲ୍ୟାଣେ) ସର୍ବତ୍ର ବ୍ୟାପି ରହିଥିବାରୁ ସେ ହେଉଛନ୍ତି ବିଷ୍ଣୁ (ବିଷ୍ଳୃ ବ୍ୟାପ୍ତୌ) ଜଗତ୍କ୍ରୀଡ଼ା କାରଣରୁ ସେ

ଦେବ ବା ଦେବୀ ବୋଲାଇଥାନ୍ତି । ଯେଉଁ ଶଙ୍କା ସବୁ ଅନେକ ବର୍ଷରୁ ହୃଦମଧ୍ୟରେ ବସାବାନ୍ଧି ମୋତେ ଗୋଳେଇ ଘାଣ୍ଟି ଦେଉଥିଲା, ଯାହାର ସମାଧାନ କେହି କରିପାରୁ ନଥିଲେ ସେସବୁ ସତ୍ୟାର୍ଥ ପ୍ରକାଶର ପ୍ରଥମ ସମୁଲ୍ଲାସର ପ୍ରଥମ ଅଧ୍ୟାୟ ସମାଧାନ କରିଦେଲା । ସେହିପରି ସତ୍ୟାର୍ଥ ପ୍ରକାଶ ହଜାର ହଜାର ଅନ୍ଧକାରାଚ୍ଛନ୍ନ ଜୀବକୁ ପ୍ରକାଶିତ କରି ଦେଇଛି । ଯେ କୌଣସି ଶଙ୍କା ହେଉନା କାହିଁକି ତାର ଯଥାଯଥ ସମାଧାନ ଏ ସତ୍ୟାର୍ଥ ପ୍ରକାଶର କୌଣସି ନା କୌଣସି ସ୍ଥାନରେ ଉପଲବ୍ଧ ହୋଇଥାଏ ।

## ୨

## ସତ୍ୟାର୍ଥ ପ୍ରକାଶ ଜୀବନର୍ ପଥ ପ୍ରଦର୍ଶକ

ମୁଁ ମୋ ଜୀବନର ସତ ଘଟଣାଟିଏ ଶୁଣାଉଛି । ମୁଁ ପଢ଼ାପଢ଼ିପାଇଁ ତୀକ୍ଷ୍ଣ ଦୃଷ୍ଟି ଦେଉଥିଲି ଓ ତାପାଇଁ ଅନେକ ପରିଶ୍ରମ ମଧ୍ୟ କରୁଥିଲି । ଶିକ୍ଷକଙ୍କ ନିକଟରେ ଜଣେ ଭଲ ଛାତ୍ର ବୋଲି ବିବେଚିତ ମଧ୍ୟ ହେଉଥିଲି । ଥରେ ଜଣେ ଜ୍ୟୋତିଷୀ ଆମ ଗାଆଁକୁ ଆସିଥିଲେ । ସେ ଲୋକଙ୍କ ହସ୍ତରେଖାକୁ ଦେଖି ସେମାନଙ୍କ ଭୂତ ଭବିଷ୍ୟତ ସବୁବିଷୟ ଠିକେଠିକେ କହି ଦେଉଥିଲେ । ଅନେକ ଲୋକ ନିନ ନିଜ ବିଷୟରେ ଜାଣିବାପାଇଁ ତାଙ୍କ ନିକଟରେ ଭିଡ଼ ଜମାଇ ଦେଲେ । ଲୋକଦେଖି ସେ ସେମାନଙ୍କୁ ମନଲୋଭା କଥା ମଧ୍ୟ କହୁଥିଲେ । ମୋର ପୂଜ୍ୟା ମାତାଶ୍ରୀ ମଧ୍ୟ ମୋର ଭବିଷ୍ୟତ ଜାଣିବାପାଇଁ ଉତ୍କଣ୍ଠିତା ହୋଇପଡ଼ିଲେ । ତେଣୁ ତାଙ୍କୁ ଘରକୁ ଡକାଇ ମୋର ହାତ ଦେଖାଇଲେ । ଜ୍ୟୋତିଷୀ ମୋ ହାତକୁ କିଛି ସମୟ ଗୃହିଁବା ପରେ ଗମ୍ଭୀର ହୋଇ ପ୍ରକାଶ କଲେ....ଏହାରି ଭାଗ୍ୟରେ ଅନେକ ଧନସଂପତ୍ତି ଅଛି ଏ ଜଣେ ଯଶସ୍ୱୀ ପୁରୁଷ





ମଧ୍ୟ ହେବ, କିନ୍ତୁ ୟା ଭାଗ୍ୟରେ ବିଦ୍ୟା ନାହିଁ । ଏହା ଶୁଣିବାପରେ ମୋ ମୁହଁ ଶୁଖିଗଲା । ପରେ ଅଧ୍ୟୟନପ୍ରତି ଘୃଣାଭାବମଧ୍ୟ ଜାତହେଲା । ସେତେବେଳେ ଆର୍ଯ୍ୟସମାଜର ସିଦ୍ଧାନ୍ତ ସଂପର୍କରେ ମୋର କୌଣସି ପ୍ରକାର ଜ୍ଞାନ ବା ଧାରଣା ନଥିଲା । ତେଣୁ ଜ୍ୟୋତିଷୀଙ୍କ କଥିତ ଭାଗ୍ୟ କଥାକୁ ଅଭ୍ରାନ୍ତ ସତ୍ୟ ବୋଲି ବିଗ୍ୱର କରିବାକୁ ଲାଗିଲି । ମୋ ହୃଦୟରେ ଏକ ଦୃଢ଼ ଧାରଣା ହୋଇଗଲା ଯେ ଯେଉଁ ଜିନିଷ ଭାଗ୍ୟରେ ନାହିଁ ତାପାଇଁ ଯେତେ ପରିଶ୍ରମ କଲେ ମଧ୍ୟ ତା କଦାପି ମିଳି ପାରିବ ନାହିଁ । ଏ ବିଗ୍ୱର ହୃଦୟରେ ଜାତ ହେବା ମାତ୍ରକେ ପଠନରେ ଅବହେଳା କରିବା ଆରମ୍ଭ ହୋଇଗଲା । କିଛି ମାସପରେ ସଂପୂର୍ଣ୍ଣଭାବେ ପଢ଼ିବା ବନ୍ଦ କରିଦେଲି ।

ଅଧ୍ୟୟନକୁ ସ୍ଥଗିତ ରଖିବାର କିଛି ବର୍ଷପରେ ସତ୍ୟାର୍ଥ ପ୍ରକାଶ ପଢ଼ିବାର ସୁଯୋଗ ମୋତେ ମିଳିଗଲା । ତହିଁରେ ଥିବା **'ସ୍ୱମନ୍ତବ୍ୟାମନ୍ତବ୍ୟ ପ୍ରକାଶ'** ଦେଖିବାକୁ ପାଇଲି । ତହିଁରେ ଉଲ୍ଲେଖ କରାଯାଇଥାଏ "'ପୁରୁଷାର୍ଥ ହେଉଛି ପ୍ରାରବ୍ଧଠାରୁ ବଡ଼' । ସେହି ଏକମାତ୍ର ବାକ୍ୟ ମୋ ଜୀବନର ପଥ ପ୍ରଦର୍ଶକ ହୋଇ ପଡ଼ିଲା । ତାପରେ ପୁଣି ଥରେ ମୁଁ ବିଦ୍ୟାଧ୍ୟୟନରେ ମନୋବିବେଶ କଲି । ଯଦିଓ ସେ ସମୟରେ ବିଦ୍ୟାଧ୍ୟୟନ ପାଇଁ ମୁଁ ଅନେକ ବାଧା ବିଘ୍ନର ସମ୍ମୁଖୀନ ହେଲି, ତଥାପି ବିଦ୍ୟାଧ୍ୟୟନରେ ମନପ୍ରାଣ ସବୁକିଛି ଢ଼ାଳି ଦେଲି । ପରବର୍ତ୍ତୀ ସମୟରେ ତାର ସଫଳତା ସ୍ୱରୂପ ମୋତେ ସିଦ୍ଧାନ୍ତଶିରୋମଣି, ବିଦ୍ୟା ବାଚ଼ସ୍ପତି, ଶାସ୍ତ୍ରୀ ପ୍ରଭାକର ବେଦଶିରୋମଣି ଏମ୍.ଏ.ପି.ଏଚ୍.ଡି.ଡି.ଏ. ଲିଟ୍ (ଡକ୍ଟର୍ ଅଫ୍ ଆର୍ଯ୍ୟନ୍ ଲିଟ୍ରେଚର୍) ପ୍ରଭୃତି ସମ୍ମାନିତ ଉପାଧି ସବୁ ମିଳିଗଲା । କାରଣ ମୁଁ ନିଜେ ବେଦ ପଢ଼ିଲି ଓ ପଢ଼ାଇଲି, ବେଦ ସଂପର୍କରେ ଲେଖିଲି ଓ ଲେଖାଇଲି, (ପି.ଏଚ୍.ଡି ଛାତ୍ରମାନଙ୍କଦ୍ୱାରା) ବୈଦିକ ସିଦ୍ଧାନ୍ତ ଉପରେ ଅନେକ

ବ୍ୟାଖ୍ୟାନ ଦେଲି, ସତରେ ଆଜି ମୁଁ ଯାକିଛି ହୋଇଛି, ସେସବୁ ହେଉଛି ଏକମାତ୍ର ସତ୍ୟାର୍ଥ ପ୍ରକାଶର କୃତିତ୍ୱ । ସତ କହିବାକୁ ଗଲେ ସତ୍ୟାର୍ଥ ପ୍ରକାଶ ହିଁ ହେଉଛି ମୋ ଜୀବନର ଏକମାତ୍ର ପଥ ପ୍ରଦର୍ଶକ ।

## ୩

# ସତ୍ୟାର୍ଥ ପ୍ରକାଶ ଓ ଅନ୍ୟାନ୍ୟ ମତ ସଂପର୍କରେ ଆଲୋଚନା

ଲୋକେ ସତ୍ୟାର୍ଥ ପ୍ରକାଶ ସଂପର୍କରେ ଏକ ଦୋଷାରୋପ କରିଥାଆନ୍ତି । ତା ହେଉଛି ଏଥିରେ ଅନ୍ୟ ମତାବଲମ୍ବୀଙ୍କ ସଂପର୍କରେ ତୀକ୍ଷ୍ଣ କଟାକ୍ଷପାତ ବା କଟୁ ସମାଲୋଚନା କରାଯାଇଛି । ଯେଉଁମାନେ ଅନ୍ୟମାନଙ୍କର ଆଲୋଚନା କରନ୍ତି ଅଥବା ଭୁଲ୍ ବାହାର କରନ୍ତି, ତାକୁ କଦାପି ଧର୍ମ ବୋଲି ସ୍ୱୀକାର କରାଯିବ ନାହିଁ । କାରଣ ମହର୍ଷି ମନୁ ଧୃତିଃ କ୍ଷମା ଦମୋଽସ୍ତେୟ ଆଦିକୁ ଧର୍ମର ଲକ୍ଷଣ ବୋଲି ମତ ଦେଇଛନ୍ତି । ତେଣୁ ଖଣ୍ଡନ କରୁଥିବା ଲୋକଙ୍କୁ କ୍ଷମାଶୀଳ ବୋଲି କିପରି ବା କୁହାଯିବ ? ସେମାନଙ୍କୁ ଆସହିଷ୍ଣୁ ବୋଲି କହିବା ଯୁକ୍ତିଯୁକ୍ତ ହେବ । ସେମାନେ କବିରଙ୍କୁ.....

**ପଥର ପୂଜିଲେ ଯଦି ହରିମିଳେ ତେବେ ପୂଜିବି ପର୍ବତ**
**ଏହାଠାରୁ ଚକ୍କି ଶତଗୁଣେ ଭଲ ପିଶି ଖାଉଛି ଜଗତ ॥**

ଏପରି କଥିତ ହୋଇଥିବା ସମସ୍ତେ ଦେଖୁଛନ୍ତି । ତଥାପି ସନ୍ଥମାନଙ୍କମଧ୍ୟରେ କବିରଙ୍କୁ ଗଣନା କରାଯାଇଛି । ତାଙ୍କପାଇଁ ଗର୍ବ ମଧ୍ୟ ପ୍ରକାଶ କରୁଛୁ । କିନ୍ତୁ ମହର୍ଷି ଦୟାନନ୍ଦ ସତ୍ୟାର୍ଥ ପ୍ରକାଶରେ ମୂର୍ତ୍ତିପୂଜା ସଂପର୍କରେ ଯେଉଁ ଆଲୋଚନା କରିଛନ୍ତି ତାହା ସମସ୍ତଙ୍କୁ ଅସହ୍ୟ ବୋଧ ହେଉଛି । ସର୍ବ





ପ୍ରଥମେ ବିଗ୍ଦ୍ରିବାର ବିଷୟ ହେଉଛି ସତ୍ୟାର୍ଥ ପ୍ରକାଶରେ ଯେଉଁ ବିଗ୍ଦ୍ର ଆଲୋଚନା କରାଯାଇଛି ତା ପ୍ରକୃତରେ ସତ୍ୟ ଅଟେ ନା ମିଥ୍ୟା ? ପ୍ରକୃତରେ ଯଦି ମିଥ୍ୟା ଆଲୋଚ଼ନା କରାଯାଇଛି ତେବେ ତାକୁ ଦୃଢ଼ ଭାବରେ ପ୍ରତିବାଦ କରିବା ଏକାନ୍ତ ଆବଶ୍ୟକ । ଦେଖିବାକୁ ଗଲେ କେବେ ମଧ୍ୟ ପ୍ରତିବାଦ କରାଯାଇ ପାରିବନାହିଁ । କାରଣ ସତ୍ୟାର୍ଥ ପ୍ରକାଶରେ ସେମାନଙ୍କ ଗ୍ରନ୍ଥରୁ ହିଁ ଉଦାହରଣ ଦେଇ ସେସବୁର ସତ୍ୟମୂଳକ ସମୀକ୍ଷା କରାଯାଇଛି । ତଥାପି ଆଲୋଚିତ ବିଷୟର ଆଲୋଚନା କରାଯିବା ଏକାନ୍ତ ଆବଶ୍ୟକ । ତଦ୍ୱାରା ଆଲୋଚନା କରାଯାଇଥିବା ବିଷୟ ଯଦି ସତ୍ୟ ହୋଇଥାଏ ତେବେ ମନୁଷ୍ୟର ଧର୍ମ ହେଉଛି, ଏକାନ୍ତ କର୍ତ୍ତବ୍ୟ ହେଉଛି କେବଳ ସତ୍ୟକୁ ଗ୍ରହଣ କରି ଅସତ୍ୟକୁ ତ୍ୟାଗ କରିବାରେ ସର୍ବଦା ଉଦ୍ୟତ ରହିବା ଆବଶ୍ୟକ । ଦ୍ୱିତୀୟତଃ ପ୍ରକୃତରେ ଯଦି ଆଲୋଚନା କରିବା ଯଥାର୍ଥ ନୁହେଁ ତେବେ ସାହିତ୍ୟ ଆଦିର ପ୍ରତ୍ୟେକ ବିଷୟ ବସ୍ତୁ ଉପରେ ଯେଉଁ ଆଲୋଚନା ଗ୍ରନ୍ଥମାନ ଲେଖାଯାଇଛି ସେସବୁ ଉପରେ ନିଷେଧାଦେଶ ଜାରି କରିବା ଏକାନ୍ତ ଆବଶ୍ୟକ । ଏମ୍.ଏ. ପରୀକ୍ଷାର ଉତ୍ତର ଖାତା ଗୁଡ଼ିକ ସଂଶୋଧନ କରିବାପାଇଁ ଆମ ନିକଟକୁ ଆସିଥାଏ । ପ୍ରଶ୍ନଗୁଡ଼ିକର ଉତ୍ତର ଯେଉଁ ପରୀକ୍ଷାର୍ଥୀମାନେ ଆଲୋଚ଼ନା ପ୍ରତ୍ୟାଲୋଚନା ମୂଳକ ଲେଖିଥାଆନ୍ତି ସେମାନଙ୍କୁ ଅଧିକଭାବେ ମାର୍କ୍ ଦିଆଯାଇଥାଏ । କିନ୍ତୁ ଯେଉଁମାନେ ସାଧାରଣ ଭାବେ ଉତ୍ତର ଦେଇଥାନ୍ତି ସେମାନଙ୍କୁ କମ୍‌ମାର୍କ୍ ଦିଆଯାଇଥାଏ । ଏ କ୍ଷେତ୍ରରେ ମଧ୍ୟ ପରୀକ୍ଷକମାନଙ୍କ ଉପରେ କଟକଣା ଜାରି କରିବା ଆବଶ୍ୟକ ଯେ ଯେଉଁ ପରୀକ୍ଷାର୍ଥୀମାନେ ଆଲୋଚନା ପ୍ରତ୍ୟାଲୋଚ଼ନା କରି ଲେଖିଛନ୍ତି ସେମାନଙ୍କୁ ପରୀକ୍ଷାରେ ଉତ୍ତୀର୍ଣ୍ଣତା କରାନଯାଉ । କିନ୍ତୁ ଯେଉଁମାନେ ସାମାନ୍ୟଭାବେ ଉତ୍ତର ଦେଇଛନ୍ତି ସେମାନଙ୍କୁ ଅଧିକ ମାର୍କ୍ ଦେଇ ଉତ୍ସାହିତ

କରାଯାଉ । ଯଦି ଏପରି ନିୟମ କରାଯାଏ, ତେବେ ବିଦ୍ୟାରସ୍ତର ଉନ୍ନତ ହୋଇ ରହିବ ନା ଅନୁନ୍ନତ ହେବ ? ଦ୍ୱିତୀୟତଃ କୌଣସି ଚିନ୍ତକ ମହାନୁଭବ ଏପରି ନିୟମକୁ ମାନିବାପାଇଁ ସ୍ୱୀକୃତି ପ୍ରଦାନ କିରବେ କି ? ଶିକ୍ଷାର ସୁଧାରପାଇଁ ଅନେକ ପ୍ରକାର ଆଲୋଚନା ଯେତେବେଳେ ଆବଶ୍ୟକ ହେଉଛି, ତେବେ ଧର୍ମର ସୁଧାର ପାଇଁ ସେପରି ଆଲୋଚନାର ବ୍ୟବସ୍ଥା କରିବାପାଇଁ ପଦକ୍ଷେପ ନେବା ଉଚିତ ନୁହେଁ କି ? ତେବେ ଆପଣ କଣ ଧର୍ମର ଶୋଧନ ନଚାହିଁ ସତରେ ବିକୃତି ଚାହାନ୍ତି ? ଆମକୁ ମନେ ରଖିବାକୁ ହେବ ଯେ ଖାଦ୍ୟପେୟ ଅର୍ଥାତ୍ ଭୋଜନର ବିକୃତି ହେଲେ ଶରୀର ଅସୁସ୍ଥ, ରୁଗ୍ଣ ହୋଇଯାଏ, ସେହିପରି ଧର୍ମର ବିକୃତି ହେଲେ ଅନ୍ତଃକରଣ ରୁଗ୍ଣ ହୋଇଯିବ । ରୋଗୀର ମାନସିକ ଅବସ୍ଥା ଠିକ୍ ରହେ ନାହିଁ, ତଦ୍ୱାରା କେହି ସୁଖ ଶାନ୍ତିରେ ରହିପାରନ୍ତି ନାହିଁ । ପୁଣି ଯଦ୍ୟପି ଭୁଲ୍‌କୁ ଭୁଲ୍ ବୋଲି ନକହି ଠିକ୍ ବୋଲି କୁହାଯାଏ ତେବେ ତାହା ଭୁଲ୍ କରୁଥିବା ବ୍ୟକ୍ତିର ମହତ୍ୱକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ । ଯିଏ ଯେପରି କରିବା କଥା ତାକୁ ଯଦି ସେପରି କରିବାପାଇଁ ଅଧିକାର ଦିଆଯାଏ, ତେବେ ଶିକ୍ଷକମାନଙ୍କୁ ଛାତ୍ରମାନଙ୍କର ଖାତା ଆଉ ଦେଖିବାକୁ ପଡିବ ନାହିଁ । ସବୁଠିକ୍ ଅଛି ବୋଲି ଲେଖିଦେଲେ ମଧ୍ୟ ଚଳିବ । ତେବେ ଆପଣମାନେ ଏପରି ଶିକ୍ଷକଙ୍କୁ ନିଜ ପୁଅଝିଅଙ୍କପାଇଁ ଯୋଗ୍ୟ ବୋଲି ବିବେଚନା କରିବେ କି ? ଭୁଲ୍ ଉତ୍ତର ଉପରେ ଠିକ୍ ଚିହ୍ନ ଲଗାଉଥିବା ଶିକ୍ଷକଙ୍କୁ ଆପଣ କଦାପି ପସନ୍ଦ କରିବେ ନାହିଁ । ତାଙ୍କୁ ପଢ଼ାଇବାପାଇଁ ଦେବେ ନାହିଁ । ତେବେ ଧର୍ମ ସଂପର୍କୀୟ ଭୁଲ୍ ଉପରେ ଭୁଲ୍ ଚିହ୍ନ ଦେଉଥିବା ବ୍ୟକ୍ତିକୁ ଅସହିଷ୍ଣୁ ବ୍ୟକ୍ତି ବୋଲି କହିବା କେତେଦୂର ଯୁକ୍ତିଯୁକ୍ତ ଓ ଯଥାର୍ଥ ତାଥରେ ସୁସ୍ଥ ଚିତ୍ତରେ ବିଚାର କରନ୍ତୁ ।

ଜଣେ ଆର୍ଯ୍ୟସମାଜୀ ବ୍ୟକ୍ତି ଶିକ୍ଷଣ ସଂସ୍ଥାଟିଏ ପରିଚାଳନା କରୁଥାନ୍ତି ।





ଥରେ ଜଣେ ଅଭିଭାବକ ତାଙ୍କ ନିକଟରେ ଆସି ପହଞ୍ଚିଲେ । ସେତେବେଳେ ସେ ସତ୍ୟାର୍ଥ ପ୍ରକାଶ ବହିଖଣ୍ଡିଏ ଧରି ପଢୁଥାଆନ୍ତି । ସତ୍ୟାର୍ଥ ପ୍ରକାଶ ପଢୁଥିବା ଦେଖି ସେ ସଜ୍ଜନ କହିଲେ.....ଆପଣ ମଧ୍ୟ ଏ ପୁସ୍ତକକୁ ପଢନ୍ତି ? ପ୍ରକୃତରେ ଏହା ଉପାଦେୟ ପୁସ୍ତକ ନୁହେଁ । ସବୁକିଛିକୁ ଏଥିରେ କେବଳ ଖଣ୍ଡନ କରାଯାଇଛି । ଯେ କୌଣସି ବ୍ୟକ୍ତି ହୁଅନ୍ତୁ ନା କାହିଁକି ସେ କେବଳ ନିଜ କଥାକହିବା ଆବଶ୍ୟକ । କାହାରି କୌଣସି ବିଷୟବସ୍ତୁ ଖଣ୍ଡନକରିବା ବା ଆକ୍ଷେପ କରିବା କଦାପି ଉଚିତ ନୁହେଁ । ଲୋକେ ଏପରି ବ୍ୟକ୍ତିଙ୍କୁ ଅସହିଷ୍ଣୁ ବୋଲି କହିଥାନ୍ତି । ମୋ ଦୃଷ୍ଟିରେ ମଧ୍ୟ ଏପରି କରିବା ହେଉଛି ଭୁଲ୍ । ସମସ୍ତଙ୍କୁ ସ୍ୱାଧୀନତା ମିଳିବା ଆବଶ୍ୟକ । ତା ବୋଲି ଯିଏ ଯାହା ଚାହିଁବ, କହିବ, ଯିଏ ଯାହାଚାହିଁବ ଲେଖିଦେବ, ଏହା କିନ୍ତୁ ଭଲ ନୁହେଁ ।

ଏପରି ଏଣୁତେଣୁ କେତେକ କଥା କହି ସେ ଭଦ୍ରବ୍ୟକ୍ତି ଚାଲିଗଲେ । ତାଙ୍କ ପୁଅ ସେହି ପାଠଶାଳାର ତୃତୀୟ ଶ୍ରେଣୀରେ ପଢୁଥାଏ । ପରେ ସେହି ଶ୍ରେଣୀର ଅଧ୍ୟାପିକାଙ୍କୁ ଡକାଇ ପଚାରିଲେ.....ମନୋଜ କିପରି ପଢୁଛି ? ସେ କହିଲେ ଅନ୍ୟାନ୍ୟ ବିଷୟରେ ଚଳନୀୟ ଅଛି, କିନ୍ତୁ ଗଣିତରେ ଦୁର୍ବଳ ଅଛି । ଏହାଶୁଣି ସେ କହିଲେ ଆଜି ଗଣିତର ଯେଉଁ ଉତ୍ତର ଲେଖିବ ଭୁଲ୍‌ଥିଲେ ମଧ୍ୟ ପ୍ରତ୍ୟେକ ଉତ୍ତରରେ ଠିକ୍ ଥିବା ଚିହ୍ନ ଲଗାଇ ଦେବ । ସେ ଉତ୍ତର ଦେଲେ ତା ବାପା ସବୁଦିନ ତାଖାତା ଦେଖନ୍ତି । ଯଦି ଭୁଲ୍‌ଟାକୁ ଠିକ୍ ବୋଲି ଚିହ୍ନ ଦେବି ତେବେ ସେ ରାଗରେ ଏଠାକୁ ଧାଇଁ ଆସିବେ । ଉତ୍ତର ମିଳିଲା ତାପାଇଁ ମୁଁ ଅଛି । ଆପଣ କିଛି ଚିନ୍ତା କରନ୍ତୁ ନାହିଁ । ସବୁ କିଛିକୁ ମୁଁ ସମ୍ଭାଳି ନେବି । ତାଙ୍କ ପରାମର୍ଶକୁ ମାନି ଅଧ୍ୟାପିକା ସେପରି କରିବାରେ ଅବହେଳା କଲେ ନାହିଁ । ଭଦ୍ରବ୍ୟକ୍ତି ସେଦିନ ଖାତା ଦେଖିବାପରେ ଭୁଲ୍‌କୁମଧ୍ୟ ଠିକ୍ ବୋଲି ଚିହ୍ନ ଦେଇଥିବା

ଦେଖି ସେ ରାଗରେ ପାଚିଗଲେ । ପୁଅକୁ ଡାକି ପଚାରିଲେ ଆଜି କେଉଁ ଗଧ ଅଧ୍ୟାପକ ତୋ ଖାତା ଦେଖିଛି ? ତା ଆଖିକୁ ଭୁଲ୍ କଣ ଦେଖା ଯାଉନି ? ପୁଅ କହିଲା.....ମମତା ମ୍ୟାଡମ୍ ଦେଖିଛନ୍ତି । ବାପା କହିଲେ ଗଧ, ସିଏ ହେଉଛନ୍ତି ଖାଣ୍ଟିଗଧ । ଭୁଲ୍ ଉତ୍ତରରେ ମଧ୍ୟ ଠିକ୍ ବୋଲି ଚିହ୍ନ ଦେଇଛନ୍ତି ।

ତା ପରଦିନ ପୁଅକୁ ଓ ଗଣିତ ଖାତାକୁ ଧରି ସେ ସ୍କୁଲ୍‌ରେ ଯାଇ ପହଞ୍ଚିଗଲେ । ସେଠାରେ ପହଞ୍ଚି ରାଗରେ ଜର୍ଜରିତ ହୋଇ କହିଲେ ତୃତୀୟ ଶ୍ରେଣୀ ଅଧ୍ୟାପିକାଙ୍କୁ ଡକାନ୍ତୁ । ଯେଉଁମାନେ କିଛି ଜାଣନ୍ତି ନାହିଁ ଆପଣ ସେପରି ଅଧ୍ୟାପିକାଙ୍କୁ ରଖିଛନ୍ତି । ଆପଣ ତାଙ୍କୁ ବାହାର କରିଦେଇ ତାଙ୍କ ସ୍ଥାନରେ ଜଣେ ଯୋଗ୍ୟ ଆଧ୍ୟାପିକାଙ୍କୁ ରଖନ୍ତୁ । ଆର୍ଯ୍ୟ ସଜ୍ଜନ କିଛି ନଜାଣିଲାପରି ପଚାରିଲେ....କଣ ହୋଇଛି ? ଆଜି ଆପଣ ରାଗି ଯାଇଥିବା ଭଳି ଜଣା ପଡୁଛନ୍ତି । ସେ କହିଲେ ରାଗିବାର ସେପରି କୌଣସି କାରଣ ନାହିଁ । କିନ୍ତୁ ଆପଣ ନିଜେ ଏ ଗଣିତ ଖାତାକୁ ଦେଖନ୍ତୁ । ଏଥିରେ ଭୁଲ୍ ଉତ୍ତରକୁମଧ୍ୟ ଠିକ୍ ବୋଲି କୁହାଯାଇଛି । ଆର୍ଯ୍ୟ ସଜ୍ଜନ କହିଲେ ଏଥିରେ ତାଙ୍କର ତିଳେମାତ୍ର ଦୋଷନାହିଁ । ଗତକାଲି ମୁଁ ତାଙ୍କୁ କହିଥିଲି କାହାରି ଖଣ୍ଡନ କରିବେ ନାହିଁ । କାରଣ ଯିଏ ଖଣ୍ଡନକରେ ଲୋକେ ତାକୁ ଅସହିଷ୍ଣୁ ବୋଲି କହିଥାନ୍ତି । ତେଣୁ ଯିଏ ଯେପରି ଲେଖିବ ସେ ସେପରି ଫଳ ଲାଭ କରିବ । ଯିଏ ଯେପରି କହୁ, ଚାହୁଁ ବା ଲେଖୁ ତହିଁରେ ଆମର ଯାଏ ଆସେ କଣ ? ଭଦ୍ର ବ୍ୟକ୍ତି କହିଲେ ତେବେତ ସମସ୍ତେ ଫେଲ୍ ହୋଇଯିବେ । ଯାହାଭୁଲ୍ ତାକୁଭୁଲ୍ ଓ ଯାହା ଠିକ୍ ତାକୁ ଠିକ୍ ବୋଲି କହିବା ଆବଶ୍ୟକ । ଏପରି ଯଦି କରାନଯାଏ ତେବେ ଛାତ୍ରଛାତ୍ରୀମାନେ ନିଜ ଭୁଲ୍‌କୁ କିପରି ଜାଣିପାରିବେ ? ପୁଣି ନିଜ ଭୁଲ୍‌କୁ କିପରି ସେମାନେ ସୁଧାରି ପାରିବେ ?





ଏହାଶୁଣି ଆର୍ଯ୍ୟବନ୍ଧୁ ଉତ୍ତର ଦେଲେ କାଲି ଆପଣ ଯେଉଁ ଯୁକ୍ତି ଉପସ୍ଥାପନ କଲେ ତାକୁହିଁ ମୁଁ ଆଜି ପାଳନ କରାଇଛି । ମୁଁ ଆପଣଙ୍କୁ ସୁଚାଇ ଦେବାକୁ ଚାହୁଁଛି ଯେ ଆମେ ଯେବେ ଏପରି କରୁଛୁ ତେବେ ଆପଣ କହୁଛନ୍ତି ଖଣ୍ଡନର ଆବଶ୍ୟକତା ଅଛି । ପୁଣି ସେହି କାମ ସତ୍ୟାର୍ଥ ପ୍ରକାଶରେ କରାଯାଇଥିବାରୁ ତାହା ତେବେ କିପରି ଭୁଲ୍ ହେବ ? ସେ କଥା ଶୁଣିବା ମାତ୍ରେ ଭଦ୍ରବ୍ୟକ୍ତି ଜଣକ କିଛି ଉତ୍ତର ନ ଦେଇ ତଳକୁ ମୁହଁ ପୋତି ସେଠାରୁ ଚାଲିଗଲେ । ପରେ ଦେଖାଗଲା ସେ କେବେ ମଧ୍ୟ ଖଣ୍ଡନ କରିବା ଉଚିତ ନୁହେଁ ବୋଲି କହିନାହାନ୍ତି । ପରେ ପୁଣି ଅଧ୍ୟାପିକା ଠିକ୍‌ଭାବେ ଯେପରି କାମ କରିବେ ତା ବୁଝାଇ ଦେବାପାଇଁ ଆଚାର୍ଯ୍ୟଙ୍କୁ ନିବେଦନ କରିଥିଲେ ।

## ୪

## ସତ୍ୟାର୍ଥ ପ୍ରକାଶ ହେଉଛି ଏକଦର୍ପଣ

ସତ୍ୟାର୍ଥ ପ୍ରକାଶ ହେଉଛି ଏପରି ଏକ ଉପାଦେୟ ଓ ମହନୀୟ ଗ୍ରନ୍ଥ ଯାହାକି ଦର୍ପଣ ସଦୃଶ ସମସ୍ତଙ୍କ ଭୁଲ୍ ଓ ଠିକ୍‌କୁ ଯଥାର୍ଥଭାବେ ଦେଖାଇ ଦେଇଥାଏ । କୌଣସି ଜଣେ ବୃଦ୍ଧବ୍ୟକ୍ତି ଯଦି ନିଜର ପାକୁଆ ଓ ଲୋଚାକୋଚା ମୁଖକୁ ଦର୍ପଣରେ ଦେଖି ଦର୍ପଣକୁ ଯଦି ଦୋଷ୍‌ଦିଅନ୍ତି ତେବେ ତଦ୍ଦ୍ୱାରା ଦର୍ପଣର କୌଣସି ଦୋଷ ହୋଇ ନଥାଏ, ଠିକ୍ ସେହିପରି ସତ୍ୟାର୍ଥ ପ୍ରକାଶରେ ଉଲ୍ଲିଖିତ ବିଷୟ ବସ୍ତୁକୁ ଦେଖି କେହି ଯଦି କ୍ଷୁବ୍ଧ ହୁଏ ବା ବିରକ୍ତ ହୁଏ, ତେବେ ସେ ବ୍ୟକ୍ତି ବିଚାରିବା ଆବଶ୍ୟକ ଯେ ଯଦି ସତ୍ୟାର୍ଥ ପ୍ରକାଶ ସତ୍ୟ ଓ ଅସତ୍ୟକୁ ସ୍ପଷ୍ଟଭାବରେ ଦେଖାଇଦିଏ ତେବେ ତାପାଇଁ ଅସତ୍ୟହିଁ ଦୋଷୀ ସାବ୍ୟସ୍ତ ହେବ । ସତ୍ୟାର୍ଥ ପ୍ରକାଶ ବା ତାର ପ୍ରଣେତା ମହର୍ଷି ଦୟାନନ୍ଦ ସରସ୍ୱତୀ

କେବେ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇପାରିବେ ନାହିଁ । ଯଦି ଦୟାନନ୍ଦ ସରସ୍ୱତୀ ସତ୍ୟକୁ ଅସତ୍ୟରୂପେ ପ୍ରକାଶ କରିଥାଆନ୍ତେ କିମ୍ବା ଅସତ୍ୟକୁ ସତ୍ୟ ବୋଲି କହିଥାନ୍ତେ, ତେବେ ସେ ଦୋଷୀ ସାବ୍ୟସ୍ତ ହୋଇଥାନ୍ତେ । ସେ ଯାହା ପ୍ରକାଶ କରିଛନ୍ତି ବା କହିଛନ୍ତି ତାହା ତାଙ୍କର ମହନୀୟତାକୁ କେବଳ ପ୍ରତିପାଦନ କରୁଛି । ସତ୍ୟକୁ ସତ୍ୟ ବୋଲି କହିବା ଅନେକ ଲୋକ ସ୍ୱୀକାର କରିବେ, କିନ୍ତୁ ଅସତ୍ୟକୁ ଅସତ୍ୟ କହିବା ଲୋକ ସହଜରେ ମିଳିବେ ନାହିଁ । ସତ୍ୟକୁ ସତ୍ୟ ଓ ଅସତ୍ୟକୁ ଅସତ୍ୟ କହିବା ଗୌରବାବହ ବିଷୟ ହୋଇଥାଏ । କିନ୍ତୁ ସତ୍ୟକୁମିଥ୍ୟା, ମିଥ୍ୟାକୁ ସତ୍ୟ କହିବା ବିଷୟ ନିନ୍ଦନୀୟ ହୋଇଥାଏ । କିନ୍ତୁ ଅତୀବ ଦୁଃଖର ବିଷୟ ଅସତ୍ୟକୁ ଅସତ୍ୟ ବୋଲି କହୁଥିବା ଲୋକଙ୍କୁ ଗାଳି, ପଥର, ଗୋଳି ତଥା ବିଷର ପୁରସ୍କାର ମିଳିଥାଏ । ଦର୍ପଣକୁ ଦୋଷୀ ବୋଲି ବିବେଚ଼ନା କରୁଥିବା ଲୋକେ, ନିଜ ସ୍ୱରୂପକୁ ସୁଧାରିବାରେ ଧ୍ୟାନ ଦେବା ଏକାନ୍ତ ଆବଶ୍ୟକ । ତାଫଳରେ ଦର୍ପଣରେ ନିଜରୂପ ଦେଖିବାରେ ଉତ୍ସାହ ଜାତ ହେବ । ଯେଉଁ ବ୍ୟକ୍ତି ଦେଖିବାପାଇଁ ଯେପରି ଦର୍ପଣ ତାକୁ ସେପରି ଦେଖାଇଥାଏ । ତହିଁରେ ତାର କୌଣସି ପ୍ରକାର ଦୋଷ ନଥାଏ ।

ବହୁଦିନର ଏକ ପୁରୁଣା କଥା । ଥରେ ଜଣେ ମଫସଲର ଯୁବକ ସହରକୁ ଯାଇଥିଲା । ଆଜିକାଲି ବିଦେଶ ଯିବା ଯେପରି ସେ ସମୟରେ ସହରକୁ ଯିବାମଧ୍ୟ ଠିକ୍ ସେପରି ଥିଲା । କୌଣସି ମୋକଦ୍ଦମା ହେଉ ଅଥବା ବିବାହୋତ୍ସବର ଜିନିଷପତ୍ର କିଣିବା ଉଦ୍ଦେଶ୍ୟରେ ହେଉ ଲୋକେ କେବଳ ସହରକୁ ଯାଉଥିଲେ । ତେଣୁ ସେମାନେ ସହରରୁ ଫେରିବାପରେ ସହରର ମଧୁର ଅନୁଭୂତି ମାସମାସ ପର୍ଯ୍ୟନ୍ତ ଲୋକଙ୍କୁ କହି ଚମତ୍କୃତ କରି ଦେଉଥିଲେ । ସତେ ଯେପରି ସେ ଚ଼କ୍ରବ୍ୟୂହ ଭେଦ କରି ଆସିଛି ବୋଲି ଗର୍ବ ଅନୁଭବ କରୁଥିଲା । ସେହି





ଯୁବକଜଣକ ସହରକୁ ଯିବାପରେ ଗୋଟିଏ ଦୋକାନରେ ଲୋକେ ଭିଡ଼ଜମାଇଥିବାର ଦେଖିଲା । ଲୋକେ କୌଣସି ଏକଜିନିଷକୁ ହାତରେଧରି କିଏ ମୁଣ୍ଡରବାଳ ସଜାଉଥାଏ, କିଏ ପୁଣି ତାକୁ ଦେଖି ମୁଖର ଭାବଭଙ୍ଗିକୁ ବିଭିନ୍ନ ପ୍ରକାର କରୁଥାଏ, ଅନେକ ଲୋକ ତାକୁ କିଣିକରି ମଧ୍ୟ ନେଉଥାନ୍ତି । ସେଠାକୁ ଯାଇ କିଛି ସମୟ ସେ ସମସ୍ତଙ୍କୁ ଚ଼ାହିଁ ରହିଲା । ପରେ ସାହସ ସଞ୍ଚୟ କରି ଦୋକାନୀକୁ ପଚ଼ାରିଲା.....ଏ ସମସ୍ତ ଲୋକ କଣ ଦେଖୁଛନ୍ତି ? ତାକୁ ଦର୍ପଣଟିଏ ଦେଇ କହିଲା.....ତୁ ମଧ୍ୟଟିକିଏ ଦେଖିନେ । ଦର୍ପଣ ଭିତରେ ସେ ଜଣେ ହୃଷ୍ଟପୁଷ୍ଟ ସୁନ୍ଦର ଯୁବକକୁ ଦେଖିବାକୁ ପାଇଲା । ତାକୁ ଦେଖି ହସି ଦେବାରୁ ସେ ମଧ୍ୟ ସେପରି ହସିଦେଲା । ଦୋକାନୀକୁ ପଚ଼ାରିଲା ଏହା ଭିତରେ କିଏ ରହିଛି ? ଦୋକାନୀ କହିଲା ଏଥିରେ କେବଳ ନିଜର ଛବି ଦେଖାଯାଇଥାଏ । ତାଶୁଣି ଯୁବକଜଣକ ନିଜମୁଖର ସୌନ୍ଦର୍ଯ୍ୟକୁ ଦେଖି ଆନନ୍ଦର ଅଧୀର ହୋଇପଡ଼ିଲା । ମନରେ ବିଚ଼ାର ଆସିଲା ସତରେ ମୁଁ ଏଡ଼େ ସୁନ୍ଦର ? ଦିନେ ମୋ ପତ୍ନୀମଧ୍ୟ କହୁଥିଲା ସତରେ ତୁମେ ବହୁତ ସୁନ୍ଦର । ବିଚ଼ାରି ଥିଲି ମୋତେ ଖୁସି କରିବାପାଇଁ ସେ ଏପରି କହୁଛି । ପରେ ଦୋକାନୀକୁ କହିଲା ବର୍ତ୍ତମାନ ଦେଖିଲିଣି, ପୁଣି କେବେ ସହରକୁ ଆସିଲେ ଆପଣଙ୍କ ଏଠାକୁ ଆସି ପୁଣି ଥରେ ଦେଖିନେବି । ଦୋକାନୀ କହିଲା ଏହାର ମୂଲ୍ୟମାତ୍ର ଚ଼ାରିପଇସା, ଯଦି ଚ଼ାହୁଁଛ ତେବେ କିଣିନିଅ । ଯୁବକ ବିଚ଼ାରିଲା ଟାଙ୍ଗାବାଲାକୁ ଦେବାକୁଥିବା ପଇସାରେ ଦର୍ପଣ କଣିନିଏ । ଏହା ବିଚ଼ାରି ଦର୍ପଣକୁ କିଣି ନେଲା । ଦୋକାନୀ କହିଲା ଏ ଅତି କୋମଳ ଜିନିଷ, ତଳେ ପଡ଼ିଗଲେ ଭାଙ୍ଗିଯିବ, ତାକୁ ପୁଣି ଯୋଡ଼ି ହେବନାହିଁ । ତେଣୁ ସାବଧାନରେ ରଖିବ । ଯୁବକ ସାଥିରେ ତାକୁ ଆଣି ଘରକୁ ଆସିଲା । କାହାକୁ ଯଦି ଏ ବିଷୟ ମୁଁ କହିଦେବି, ସେ ମଧ୍ୟ ଅନ୍ୟମାନଙ୍କୁ କହିଦେବ,

ପରେ ସମସ୍ତେ ଦେଖିବାକୁ ଚାହିଁବେ । କାହା ହାତରୁ ଯଦି ଖସିଯାଏ ତେବେ ଏହା ଚୁରମାର ହୋଇଯିବ । ତେଣୁ ତାକୁ କନାରେ ଗୁଡ଼ାଇ ନିଜ ବାକ୍ସର ସବାତଳେ ରଖିଦେଲା । ପ୍ରତିଦିନ ସକାଳୁ ବାକ୍ସଖୋଲି ଦର୍ପଣକୁ ଦେଖି ହସିଦିଏ । ଦର୍ପଣରେ ପ୍ରତିଫଳିତ ହସକୁ ଦେଖି ଆନନ୍ଦରେ ଗଦ୍‌ଗଦ ହୋଇଯାଏ । ଦିନେ ତା ସ୍ତ୍ରୀ ଦର୍ପଣକୁ ଦେଖିନେଲା, ପଚାରିଲା ଏଥିରେ ତୁମେ କଣ ଦେଖି ହସୁଛ ? ଯୁବକ ଜଣକ ତରତର ହୋଇ ଦର୍ପଣକୁ ଟ୍ରଙ୍କ୍‌ରେ ଲୁଚାଇଦେଲା ଏବଂ ତତ୍‌କ୍ଷଣାତ୍ ବାକ୍ସରେ ତାଲାପକାଇ ଦେଲା । ପତ୍ନୀର ସନ୍ଦେହ ବଢ଼ିଗଲା, ସେ ବିଚାରିଲା ନିଶ୍ଚୟ ଏଥିରେ କିଛି ଗୂଢ଼ ରହସ୍ୟ ରହିଛି । ନତୁବା ଛନଛନ ହୋଇ ସାଥିସାଥି ତାଲାକୁ କାହିଁକି ପକାଇ ଦେଲା ? କିଛି ନୁହେଁ ବୋଲି କହିଲା । ଯଦି କିଛି ନୁହେଁ ତେବେ ମୋତେ ନ ଦେଖାଇବାର କାରଣ କଣ ? ସହରରୁ ଆସିବା ପରଠାରୁ ଚାଲିଚଳନରେ ଟିକିଏ ଭିନ୍ନତା ପରିଲକ୍ଷିତ ହେଉଛି । ବାକ୍ସ ଚାବିକାଠୀକୁ କିପରି ହସ୍ତଗତ କରିବ ସେହି ସୁଯୋଗର ଅପେକ୍ଷାରେ ରହିଲା । ଦିନେ ସେ ସ୍ନାନ କରିବାକୁ ଯିବା ସମୟରେ ଭୁଲ୍‌ରେ ଚାବିକାଠି ଛାଡ଼ିଦେଲା । ସେ ଯିବାପରେ ଶାଶୁଙ୍କ ଅଜାଣତରେ ଧୀରଭାବରେ ତାଲାକୁ ଖୋଲିଦେଲା । ତହିଁରେ ଥିବା ଜିନିଷ ସବୁକୁ ଅଣ୍ଡାଳୁ ଅଣ୍ଡାଳୁ ଦର୍ପଣ ତାହାତରେ ପଡ଼ିଗଲା । ତାକୁ ଚାହିଁବାରୁ ତା ଭିତରେ ନିଜରୂପ ଦେଖିବାକୁ ପାଇଲା । ଦେଖିଲା ଭିତରେ ଜଣେ ସୁନ୍ଦରୀ ସ୍ତ୍ରୀ ବସିଛି । ବିଚାରିଲା ସହରରୁ ବୋଧେ ଏହାକୁ ଆଣି ଆସିଛି । ତେଣୁ ଚାବିକାଠି କାହାକୁ ଦେଉନାହିଁ, ଏହାକୁ ବାକ୍ସ ଭିତରେ ଲୁଚାଇରଖି ମଉଜକରି ରହୁଛି । ଏହା ବିଚାରି ସେ କାନ୍ଦିବାରେ ଲାଗିଲା । ହାୟ, ମୋ ଭାଗ୍ୟ ଏବେ ଉଜୁଡ଼ିଗଲା । ଏ ଡାଆଣୀ ଆସି ଏଘରେ ଆସ୍ତଜମାଇ ବସିଯାଇଛି । ବର୍ତ୍ତମାନ ମୋଠାରେ ତାଙ୍କର ବା ଆଉ କଅଣ ଦରକାର ? ସତରେ ସେ କେଡ଼େ ଅଲାଜୁକୀ ?





ମୋତେ ଦେଖିଟିକିଏ ମଧ୍ୟ ଭୟକଲା ନାହିଁ କି ଲାଜମଧ୍ୟ କଲା ନାହିଁ । କାହିଁକି ବା ସେ ଭୟକରିବ ? ଏ ଘର ମାଲିକ ଏବେ ତାର ହୋଇଯାଇଛି । ଛାତି ବାଡ଼େଇ ଜୋର୍‌ରେ ସେ ବିଳାପ କରିବାରେ ଲାଗିଲା । ହାୟ ! ମୁଁ ଠକରେ ପଡ଼ିଗଲି । ଏ ଘର ଏବେ ବରବାଦ୍ ହୋଇଯିବ ।

ବୋହୂର ବିକଳ କାନ୍ଦ ବୋବାଳିଶୁଣି ତାର କଣ ହୋଇଗଲା ବିଚାରି ଶାଶୁ ସେଠାକୁ ଧାଇଁ ଆସିଲା । ପଚାରିଲା କଣ ହେଲା ତୋର ? ତୁ ଏପରି ବାହୁନି ବାହୁନି କାନ୍ଦୁଛୁ କାହିଁକି ? ଦର୍ପଣକୁ ବଢ଼ାଇ ଦେଇ ବୋହୂ କହିଲା......ତୁମ ପୁଅ ଲୁଚିଲୁଚି କଣ କରିଛନ୍ତି ଏହାକୁ ନେଇ ଦେଖ । ଆପେ ଆପେ ସବୁଜାଣି ପାରିବ ? ତୁମ ପୁଅ ସହରକୁ ଯାଇଥିଲେ, ସେଠାରୁ ନେଇ ଆସିଛନ୍ତି ଜଣେ ସୁନ୍ଦରୀ ସ୍ତ୍ରୀକୁ, ମୋ ସହିତ ବୋଧେ କଳି କରାଇବାକୁ । ମୁଁ ଯଦି ଅସୁନ୍ଦରୀ ଥିଲି, ତେବେ କାହିଁକି ମୋତେ ବାହା ହେଉଥିଲେ ? ଏହି ରଣଚଣ୍ଡୀକୁ ସେତେବେଳେ ନେଇଆସିଥିଲେ କଣ ଭଲ ହୋଇ ନଥାନ୍ତା ?

ଶାଶୁ ଦର୍ପଣକୁ ନେଇ ଦେଖିବାରୁ ନିଜର ବୃଦ୍ଧାରୂପ ତହିଁରେ ଦେଖିବାକୁ ପାଇଲେ । ତାକୁ ଦେଖି ତାଙ୍କ ପାଟିରୁ ବାହାରି ପଡ଼ିଲା ସବୁ ବୁଡ଼ିଗଲା ? ଆରେ ! ଆଣିବାର ଥିଲାତ ତେବେ ଯୁବତି ସ୍ତ୍ରୀ ଜଣକୁ କାହିଁକି ଆଣିଲା ନାହିଁ ? ଜଣେ ଷାଠିଏ ବର୍ଷର ବୁଢ଼ୀକୁ କାହିଁକି ବା ଆଣିଛି ? ଇଏ କେଉଁ କାମକୁ ଆସିବ ? ନା ଘରକୁ ନା ଦୁଆରକୁ । ବୋହୂ କହିଲା ହଁ, ନିଜ ପୁଅର ଗୁମର ଲୁଚାଇବାକୁଯାଇ କହୁଛ କଣ ନା ଷାଠିଏ ବର୍ଷର ବୁଢ଼ୀଟିଏ ଆଣିଛି । ବୋଧେ ତୁମ ପରାମର୍ଶରେ ସେ ତାକୁ ସହରରୁ ଆଣିଥିବେ । ବର୍ତ୍ତମାନ କହୁଛ କଣ ନା ? ବୃଦ୍ଧା ଅଟେ, ଷାଠିଏ ବର୍ଷ ବୟସର-ଷାଠିଏ ବର୍ଷର ନା କୋଡ଼ିଏ ବର୍ଷର ? ଟମାଟର୍ ପରି ତାର ଗାଲ କିପରି ନାଲି ନାଲି ହୋଇଛି ? ମୁଣ୍ଡର କେଶ ସବୁ ଘନକୃଷ୍ଣ ବର୍ଣ୍ଣର ।

ଏସବୁ ଷାଠିଏ ବୟସର ଅଟେ ନା କୋଡ଼ିଏ ବର୍ଷର ? ଶାଶୁ ଉତ୍ତର ଦେଲେ, ବୋହୂ ! ମୁଁ ମୋର ଏହି ବାଳକୁ ଖରାରେ ଧଳା କରିନାହିଁ । ମୁଁ କଣ ଅନ୍ଧୁଣୀ ହୋଇଛି ଯେ ମୋତେ କିଛି ଦେଖାଯାଉ ନାହିଁ । ତାର ସମସ୍ତ କେଶ ଝୋଟ ପାଲଟି ଯାଇଛି, ମୁଖର ମାଂସପେଶୀ ଲୋଗ୍‌ କୋଗ୍ ହୋଇଯାଇଛି । ତେବେ ଯୁବା ବୟସ କଣ ଏପରି ହୋଇଥାଏ ? ବର୍ତ୍ତମାନ, ଶାଶୁ ତାକୁ ବୁଢ଼ୀ କହୁଥାଏ ତେଣେ ବୋହୂ କହୁଥାଏ ଯୁବତି । ଦିଜଣଙ୍କର ଉଚ୍ଚ କଥାବାର୍ତ୍ତାକୁ ଶୁଣି ବୁଢ଼ା ଆସି ପଗ୍ଚରିଲା....ଘରେ କାହିଁକି କାନ୍ଦବୋବାଳି ଓ ବୃଦ୍ଧା ଯୁବତିର କଳି ହେଉଛି ? ବୋହୂ ଜୋର୍‌ରେ କାନ୍ଦିବା ଆରମ୍ଭ କରିଦେଲା ଏବଂ କହିଲା ହେବ କଣ ? ମୋର ଭାଗ୍ୟ ଉଜୁଡ଼ି ଗଲା । ଆଉ ଜଣକୁ ଆଣି ମୋ ଛାତି ଉପରେ ରଖି ଦେଇଛନ୍ତି । ଶାଶୁ କହିଲେ କେବଳ ତୋ ଭାଗ୍ୟ ନୁହେଁ ସମଗ୍ର ଘର ଉଜୁଡ଼ି ଯାଇଛି । ସେ ତୋ ଛାତି ଉପରେ ନୁହେଁ ମୋ ଛାତି ଉପରେ ବୋଝେଇ ଦେଇଛି । ବର୍ତ୍ତମାନ ଖାଇବାକୁ ଦିଅ ଜଣେ ଅକର୍ମଣ୍ୟାକୁ । ସାରା ବୟସ କେଉଁଠି କଟାଇଲା କେଜାଣି, ବର୍ତ୍ତମାନ ଏଠାକୁ ଆସି ଆସନ ଜମାଇ ଦେଇଛି । ଘରର ବୋଝ୍ ହୋଇ ପଡିଛି । ବୁଢ଼ା କହିଲା କଣ ହୋଇଛି ସେ କଥା କହିବ ନା ଏପରି ବୋବାଳି ଛାଡୁଥିବ ? ଶାଶୁ କହିଲା ହେବ କଣ, ଆଉଜଣେ ବୁଢ଼ୀକୁ ତୁମ ପୁଅ ଘରକୁ ଆଣିଛି । ବୋହୂ କହିଲା ନା ସେ ହେଉଛି ଯୁବତି ମୁଁ ତାକୁ ତ ଥର ଥର କରି ତିନିଥର ଦେଖିଛି । ବୁଢ଼ା କହିଲା ତେବେ ସେ କେଉଁଠି ଅଛି ? କାହିଁ ଘରେ ତ ଦେଖାଯାଉନି । ବୁଢ଼ୀ ଦର୍ପଣକୁ ନେଇ ବୁଢ଼ା ଆଗରେ ଥୋଇଦେଲା । ସେ ତହିଁରେ ଜଣେ ବୃଦ୍ଧକୁ ଦେଖି ହସିହସି କହିଲା ତୁମ ଦିଜଣଙ୍କର ମତି ଭ୍ରମ ହୋଇଛି । ତୁମେ ସ୍ତ୍ରୀ ପୁରୁଷର ପାର୍ଥକ୍ୟମଧ୍ୟ ଜାଣି ପାରୁନାହଁ ? ଆରେ ତୁମେ ଦେଖିଛ କେଉଁଠି ସ୍ତ୍ରୀମାନଙ୍କର ନିଶଥାଏ ? ଆରେ ! ଇୟେ ହେଉଛି ନିଶଥିବା





ଜଣେ ବୁଢ଼ା, ତା ବ୍ୟତୀତ ଅନ୍ୟ କିଛି ନୁହେଁ ସହୃଦୟ ପାଠକ-ପାଠିକାଗଣ ! ବର୍ତ୍ତମାନ ଆପଣମାନେ ହିଁ ବିଗ୍ଚର କରନ୍ତୁ ତିନିଜଣ ବ୍ୟକ୍ତି ଏକମାତ୍ର ଦର୍ପଣରେ ନିଜନିଜରୂପ ଦେଖି ଭିନ୍ନଭିନ୍ନ ପ୍ରକାର ମତ ପ୍ରଦାନ କଲେ । ଏଥିରେ ଦର୍ପଣର ଦୋଷ ବା ରହିଲା କେଉଁଠି ? ସେମାନଙ୍କ ନିଜନିଜ ଆକୃତି ଯେପରି ଥିଲା, ଦର୍ପଣ ସେମାନଙ୍କୁ ଠିକ୍ ସେହିପରି ଦେଖାଇଦେଲା । ସତ୍ୟାର୍ଥ ପ୍ରକାଶ ମଧ୍ୟ ସେହିପରି ପ୍ରତ୍ୟେକ ପଦାର୍ଥର ଯଥାର୍ଥ ସ୍ୱରୂପକୁ ପ୍ରଦର୍ଶନ କରିଥାଏ । ଯଦି ନିଜ ଆକୃତି ମନକୁ ପାଉନାହିଁ ତେବେ ତାକୁ ପରିବର୍ତ୍ତନ କରିବାପାଇଁ ଧ୍ୟାନଦିଅ ବା ପ୍ରଯତ୍ନଶୀଳ ହୁଅ । କଥିତ ହୋଇଛି .......

**ଦରପଣ ତୁମ ଦାଗକୁ ସଦା ଦେଖାଇଦିଏ,**<br>
**ନିଜ ପ୍ରକୃତିକୁ କଦାପି ତ୍ୟାଗ ନକରେ ସିଏ ।**<br>
**ସତ୍ୟାର୍ଥ ପ୍ରକାଶ ବିଷୟେ କେବେ ନୁହଁ ଦୁଃଖିତ,**<br>
**ବୁଝିବାକୁ ସତ୍ୟ ବିଷୟ ଯତ୍ନକର ସତତ ॥**

## ୫

## ସତ୍ୟାର୍ଥ ପ୍ରକାଶରେ ତୀବ୍ର ସମାଲୋଚନା

ପୁଣି ଅନ୍ୟ ଏକ ଦୋଷାରୋପ ଏପରି କରାଯାଇଥାଏ ଯେ, ଅବଶ୍ୟ ସମସ୍ତେ କୌଣସି ନା କୌଣସି ବିଷୟକୁ ସମାଲୋଚନା କରିଥାନ୍ତି, କିନ୍ତୁ ମହର୍ଷି ଦୟାନନ୍ଦଙ୍କ ସମାଲୋଚନା ହେଉଛି ଅତ୍ୟନ୍ତ ତୀବ୍ର । ତାକୁ ସହ୍ୟ କରିବା ଦୁଃସହ୍ୟ ହୋଇ ପଡୁଛି । ତେଣୁ ତାକୁ କେବେମଧ୍ୟ ଯଥାର୍ଥ ବୋଲି କୁହାଯାଇ ପାରିବ ନାହିଁ । ସାମାନ୍ୟ ଭାବେ ସମାଲୋଚନା କରିଥିଲେ ମଧ୍ୟ ଚଳିଥାନ୍ତା । ତେଣୁ

ଏତେ କଟୁସମାଲୋଚ଼ନା କରିବାର କି ଆବଶ୍ୟକତା ଥିଲା ? ଏପରି ମତ ଦେଉଥିବା ଲୋକଙ୍କୁ ନିବେଦନ କରୁଛୁ ଯେ, ଯଦି କପଡ଼ାରେ ସାମାନ୍ୟଭାବେ ମଳି ଲାଗିଥାଏ ତେବେ ତାକୁ ସାମାନ୍ୟ ସାବୁନ୍‌ଦ୍ୱାରା ପରିଷ୍କାର କରାଯାଇଥାଏ । କିନ୍ତୁ ଅନେକବର୍ଷର ମଳି ଯଦି କପଡାରେ ଥାଏ, ତେବେ ତାକୁ ଅଗ୍ନିରେ ଶିଝାଇବାକୁ ପଡ଼ିଥାଏ, ସେପରି ନକଲେ ସେ ମଳି ପରିଷ୍କାର ହୋଇ ନଥାଏ । ତେଣୁ ପୁଣିମଧ୍ୟ ସେହି କପଡାକୁ ଜୋର୍‌ରେ ପଥରରେ କଚ଼ଡ଼ିବାକୁ ହୁଏ ବା ଦଣ୍ଡରେ ବାଡ଼େଇ ବାଡ଼େଇ ପରିଷ୍କାର କରିବାକୁ ପଡ଼ିଥାଏ । ଏପରି ନକଲେ ସେ ମଳି କଦାପି ଦୂର ହୋଇନଥାଏ । ଘରମଧ୍ୟରେ ସାମାନ୍ୟ ଅଳିଆ ଆବର୍ଜନା ଥିଲେ ତାକୁ ଝାଡୁରେ ପରିଷ୍କାର କରାଯାଏ । କିନ୍ତୁ ଯେଉଁଠାରେ ବର୍ଷ ବର୍ଷଧରି ମଇଳା ଜମା ହୋଇଥାଏ ତାକୁ ଝାଡୁରେ ପରିଷ୍କାର କରି ହୁଏ ନାହିଁ । ତାକୁ ପରିଷ୍କାର କରିବାପାଇଁ କୋଡ଼ି, କୋଦାଳ ପ୍ରଭୃତି ଆବଶ୍ୟକ ହୋଇଥାଏ । ସେହିପରି ଆମ ସଂସ୍କୃତି ଉପରେ ହଜାର ହଜାର ବର୍ଷରୁ ଜମିରହିଥିବା ଅପସଂସ୍କୃତିକୁ ବା ମଳିସମୂହକୁ ଦୂର କରିବାପାଇଁ ମହର୍ଷି ଦୟାନନ୍ଦଙ୍କୁ ଖଣ୍ଡନର ଶାଣିତଖଣ୍ଡା ଉଠାଇବାକୁ ପଡ଼ିଛି । ତା ଯଦି କରି ନଥାନ୍ତେ ତେବେ କାମ ସହଜରେ ହୋଇପାରି ନଥାନ୍ତା । ବହୁ ବର୍ଷରୁ ଆବୋରି ରହିଥିବା ରୋଗକୁ ସାମାନ୍ୟ ଔଷଧରେ କଦାପି ଉପଶମ କରି ହୁଏ ନାହିଁ ।

## ୬

# ମହର୍ଷିଙ୍କ ତୀବ୍ର ଆଲୋଚ଼ନାର ସଫଳତା

ବୁଦ୍ଧିମାନ୍ ବା ବିବେକଶୀଳ ବ୍ୟକ୍ତିମାନେ ସ୍ୱୀକାର କରନ୍ତି ଯେ ଆଜି ସମାଜରେ ବା ଜାତିରେ ଯେଉଁ କେତେକ ପରିବର୍ତ୍ତନ ଦେଖାଯାଉଛି, ସେସବୁ





ମହର୍ଷିଙ୍କ ତୀବ୍ର ସମାଲୋଚ଼ନାର ହେଉଛି ଫଳମାନ । ନାରୀ-ଶିକ୍ଷା, ଶୁଦ୍ଧି-ପ୍ରଚ଼ାର ଅସ୍ପୃଶ୍ୟତା ନିବାରଣ, ବାଲ୍ୟ, ବିବାହ ବିଜାତୀୟ-ବିବାହ, ଜନ୍ମରୁ ଜାତି ପାତି ପ୍ରଭୃତି ଉପରେ ପ୍ରତିବନ୍ଧ ବା କଟକଣା, ପୁଣି ବିଧବା-ବିବାହ, ସ୍ୱାଧୀନତା ଲାଭ, ବ୍ରାହ୍ମଣ ବ୍ୟତୀତ ଅନ୍ୟ ଲୋକ ରୋଷେଇ କରିଥିବା ଖାଦ୍ୟ ପଦାର୍ଥ ପରିତ୍ୟାଗ, ସେହିପରି ସମୁଦ୍ର ପାରି ହୋଇ ବିଦେଶକୁ ଗଲେ ଜାତି ନଷ୍ଟ ହେବା, ସଭିଙ୍କ ପ୍ରତି ସମାନ ବ୍ୟବହାର ଏସବୁ ସମସ୍ୟା ଦୟାନନ୍ଦଙ୍କ ତୀବ୍ର ଆଲୋଚନା ଯୋଗୁ ହିଁ ଦୂର ହୋଇ ମଧୁର ଫଳ ପ୍ରଦାନ କରିଛି । ସେ ଯଦି ବାରମ୍ବାର ଆଘାତ ଦେଇ ଲୋକଙ୍କୁ ଜାଗ୍ରତ କରିନଥାନ୍ତେ ତେବେ ମନୁଷ୍ୟ ସେହି ଅନ୍ଧକାର ମଧ୍ୟରେ ପଡ଼ି ରହିଥାନ୍ତା । ପରିଣାମରେ ତାଙ୍କର ଜୀବନ ଦୀପିକା ନିର୍ବାପିତ ହୋଇଯାଇଥାନ୍ତା । ତାଙ୍କରି ତୀବ୍ର ଖଣ୍ଡନ ଯୋଗୁଁ ଏ ଜାତି ଆଜି ଜୀବନ୍ତ ହୋଇ ରହିଛି । ଜଣେ ଯୁବକର ତୀବ୍ର ଶବ୍ଦ ବ୍ୟବହାର ଦ୍ୱାରା ଜନୈକ ସରପଞ୍ଚଙ୍କ ଜୀବନ କିପରି ରକ୍ଷା ପାଇଗଲା, ତା ହେଉଛି ବିଚ଼ାର କରିବାର ବିଷୟ ।

କୌଣସି ଏକ ଗ୍ରାମରେ ଜଣେ ଦେବତାତୁଲ୍ୟ ସରପଞ୍ଚ ଥିଲେ । ସେ ଥିଲେ ସଜ୍ଜନ, ଅତ୍ୟନ୍ତ ନ୍ୟାୟପ୍ରିୟ, ଦୟାଳୁ ତଥା ହିତାହିତ ବିଚ଼ାରକ ବ୍ୟକ୍ତି । ତାଙ୍କରି ନ୍ୟାୟରେ ଦୁଧକୁ ଦୁଧ ଓ ପାଣିକୁ ପାଣି ବୋଲି ନିର୍ଣ୍ଣିତ ହେଉଥିଲା । ତାଙ୍କ ପକ୍ଷରେ ଛୋଟ-ବଡ଼ ସମସ୍ତେ ସମାନ ଧରଣର ଥିଲେ । ନ୍ୟାୟକୁ ନ୍ୟାୟରୂପେ ସେ ସର୍ବଦା ପ୍ରତିପାଦନ କରୁଥିଲେ । ସେ କେବେମଧ୍ୟ କାହାକୁ ଛୋଟ ବା ବଡ଼ ବୋଲି ବିଚ଼ାରୁ ନଥିଲେ । ତାଙ୍କ ନିକଟରେ ଦୋଷୀ ଦୋଷୀରୂପେ ତଥା ନିରପରାଧ ବ୍ୟକ୍ତି ନିରପରାଧରୂପେ ଯେ କେହି ହେଉନା କାହିଁକି ସେପରି ବିବେଚ଼ିତ ହେଉଥିଲେ । ତେଣୁ ଅନେକ ସମୟରେ ବଡ଼ ଲୋକମାନେ ତାଙ୍କୁ ଘୃଣା ଦୃଷ୍ଟିରେ ଦେଖୁଥିଲେ । ବଡ଼ ଲୋକ ହେଲେ ମଧ୍ୟ ସେ ଯଦି ଅପରାଧ

କରେ ତେବେ ନିଶ୍ଚିତଭାବେ ଦଣ୍ଡ ଭୋଗୁଥିଲେ । ଦୋଷୀ ମାତ୍ରକେ ନିଶ୍ଚୟ ଦଣ୍ଡ ଭୋଗୁଥିଲେ । ଅପରାଧ କରି କେହି କେବେ ରକ୍ଷା ପାଇପାରୁ ନଥିଲେ । ବଡ଼ ଲୋକମାନେ ନିଜକୁ ଅନ୍ୟମାନଙ୍କ ଅପେକ୍ଷା ବିଶିଷ୍ଟ ବ୍ୟକ୍ତି ବୋଲି ବିବେଚ଼ନା କରିଥାନ୍ତି, ସମସ୍ତେ ତାଙ୍କୁ ସମ୍ମାନ ପ୍ରଦର୍ଶନ କରନ୍ତୁ, ତାଙ୍କ ସହିତ ଭଦ୍ର ବ୍ୟବହାର କରନ୍ତୁ ଏପରି ଚ୍ହିଁଥାନ୍ତି । କିନ୍ତୁ ସରପଞ୍ଚ ମହୋଦୟ ଶାସ୍ତ୍ରପାଠକରି ଅବଗତ ହୋଇଥିଲେ ଯେ ନ୍ୟାୟ ଆସନରେ ଉପବିଷ୍ଟ ବ୍ୟକ୍ତି ଯଦି ନ୍ୟାୟ ବିଚ୍ର ନକରେ ତେବେ ସେହି ଅନ୍ୟାୟର ଫଳ ତାକୁ ହିଁ ଭୋଗିବାକୁ ପଡ଼ିଥାଏ । ଏଣୁ ନ୍ୟାୟଧୀଶ ମାନେ ନିଜର ତଥା ନ୍ୟାୟର ସୁରକ୍ଷାପାଇଁ ପକ୍ଷପାତ ନକରି ନ୍ୟାୟ ବିଚ୍ର କରିବା ଏକାନ୍ତ ଆବଶ୍ୟକ ଏପରି ଭାବିଥାନ୍ତି । ତଦ୍ଦ୍ୱାରା କେହି ପ୍ରସନ୍ନ ହେଉ ଅଥବା କେହି ବିରକ୍ତ ହେଉ ତାପ୍ରତି ମୋଟେ ଧ୍ୟାନ ଦେବା ଉଚ଼ିତ ନୁହେଁ । ନ୍ୟାୟର ଆସନ ହେଉଛି ସତେ ଯେପରି ପରମାତ୍ମାଙ୍କ ଆସନ । ସରପଞ୍ଚ ମହୋଦୟ ଶାସ୍ତ୍ରର ସେହି ବିଧାନକୁ ଗଣ୍ଠିଧନ କରି ତଦନୁସାରେ ପରିଚ୍ଳିତ ମଧ୍ୟ ହେଉଥିଲେ । ତଦନୁରୂପ ଆଚ଼ରଣ କରିବାରେ କେବେମଧ୍ୟ ଅବହେଳା କରୁ ନଥିଲେ । ଦୈବାତ୍ ଦିନେ କ୍ଷାଙ୍କୁ ଏକ ବିଷାକ୍ତ ସର୍ପ ଦଂଶନକଲା । ଏହା ଜାଣିବାପରେ ଗ୍ରାମର ସମସ୍ତ ଲୋକ ବ୍ୟତିବ୍ୟସ୍ତ ହୋଇପଡିଲେ । ବିଶେଷକରି ଦରିଦ୍ର ଓ ଦୁର୍ବଳ ବ୍ୟକ୍ତିମାନଙ୍କର ଚ଼ିନ୍ତା ବହୁପରିମାଣରେ ବଢ଼ିଗଲା । କାରଣ ଦୈବାତ୍ ଯଦି ତାଙ୍କରି ମୃତ୍ୟୁ ହୋଇଯାଏ ତାଙ୍କରି ଅଭାବରେ କିଏ ସେ ଆମ୍ଭମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବ ? ତାଙ୍କରି ଅଭାବରେ ଆମେ ସବୁ ନିଶ୍ଚୟ ଅନାଥ ହୋଇଯିବୁ ।

କାଳ ବିଳମ୍ବ ନକରି ସର୍ପ ବିଷ ଚିକିତ୍ସକମାନଙ୍କୁ ଅଣାଗଲା । ସେମାନେ ସମସ୍ତେ ମନୋଯୋଗ ପୂର୍ବକ ଚ଼ିକିତ୍ସା କରିବାରେ ସାମାନ୍ୟଭାବେ ମଧ୍ୟ





ଅବହେଳା କଲେ ନାହିଁ । ଔଷଧାଦି ଦେବା ପରେ ସମସ୍ତଙ୍କୁ ସେମାନେ ଚେତାବନୀ ଦେଲେ ଯଦି ଆଜି ରାତିରେ ସରପଞ୍ଚ ନ ଶୋଇ ରାତିସାରା ଜାଗ୍ରତ ହୋଇ ରହିବେ ତେବେ ନିଶ୍ଚୟ ବଞ୍ôଯିବେ । ତେଣୁ କଦାପି ତାଙ୍କୁ ଶୋଇବାକୁ ଦେବନାହିଁ, ଜାଗ୍ରତକରି ରଖିବାପାଇଁ ଧ୍ୟାନ ଦେବ । ଯଦି ଏହା କରାନଯିବ ତେବେ ସେ ପଞ୍ôରହିବେ ନାହିଁ । ବଞ୍ôଇବାପାଇଁ ଆପଣମାନଙ୍କୁ ଏହା କରିବାକୁ ପଡ଼ିବ । ନତୁବା ଫଳ କଣ ହେବ କହି ହେବ ନାହିଁ ? ଏହା କହି ସେମାନେ ଚ୍ଲିଗଲେ । ଏ କଥା ଶୁଣିବା ପରେ ଗ୍ରାମବାସୀମାନେ ନାଚ଼-ଗୀତ, ଢୋଲ, ହାର୍‌ମୋନିଅମ୍ ଆଦିର ବ୍ୟବସ୍ଥା କରି ଜୋର୍‌ରେ ସେସବୁକୁ ବଜାଇ ସରପଞ୍ଚ ଯେପରି ଚେଇଁ ରହିବେ ତାର ବ୍ୟବସ୍ଥା କଲେ । ରାତି ଦଶଟା ପର୍ଯ୍ୟନ୍ତ ଚେଇଁ ରହିଲେ । ଦଶଟା ପରେ ଢୁଳାଇବାରେ ଲାଗିଲେ । ଆଖି ମୁଦ୍ରିତ ହୋଇ ଯାଉଥାଏ । ଗାଢ଼ ନିଦ ଆସିବାପରେ ସେ ସମସ୍ତଙ୍କୁ କହିଲେ ମୋତେ ଆଉ ହଇରାଣ କରନାହିଁ । ଯା ହେବା କଥା ତା ହେବ । ବର୍ତ୍ତମାନ ମୋତେ ଟିକିଏ ଶାନ୍ତିରେ ଶୋଇବାକୁ ଦିଅ । ଶୋଇବାର ପରିଣାମ କଣ ଯେ ହେବ ତା ସମସ୍ତେ ଜାଣିଥିଲେ । ସରପଞ୍ଚଙ୍କ ମୃତ୍ୟୁ ହେବ, ସବୁଦିନପାଇଁ ତାଙ୍କ ନିକଟରୁ ସରପଞ୍ଚ ଦୂରେଇ ଯିବେ । ସମସ୍ତେ ଆତଙ୍କିତ ହୋଇପଡ଼ିଲେ । ନିରୁପାୟ ହୋଇ ସମସ୍ତେ ପରସ୍ପରର ମୁହଁକୁ ଅନାଇ ରହିଲେ । କେତେକ ଆଗତ ବିପଦକୁ ସ୍ମରଣକରି କାନ୍ଦିବାରେ ଲାଗିଲେ । ସମସ୍ତେ କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ପଡ଼ିଲେ । କଣ କରାଯିବ ତାର ଉପାୟ କେହି ନିର୍ଦ୍ଧାରଣ କରିପାରିଲେ ନାହିଁ ସମସ୍ତେ ଉଦାସୀନ ହେବା ସଙ୍ଗେସଙ୍ଗେ ହତବାକ୍ ମଧ୍ୟ ହୋଇ ପଡ଼ିଲେ । ସେମାନଙ୍କ ମଧ୍ୟରୁ ଜଣେ ନବଯୁବକ ଆଗେଇ ଆସି ବମ୍ରର ସହିତ କହିଲା ... ଆପଣମାନେ ମୋର ଅପରାଧକୁ ଯଦି କ୍ଷମା କରିଦେବେ ତେବେ ମୁଁ ସାରାରାତି ସରପଞ୍ଚଙ୍କୁ ଜାଗ୍ରତକରି ରଖିଦେବି । ସମସ୍ତେ

ଏକସ୍ୱରରେ କହିଲେ, କ୍ଷମା ବା ଅପରାଧର ପ୍ରଶ୍ନଉଠୁଛି କାହିଁକି ? କ୍ଷମାର ଦାୟିତ୍ୱ ଆମ ଉପରେ ରହିଲା, ତୁମେ ସରପଞ୍ଚଙ୍କୁ ରାତିସାରା ଅନିଦ୍ରା କରି ରଖିବାରେ ଧ୍ୟାନ ଦିଅ । ଯୁବକ ଜଣକୁ ଅଭୟ ବର ମିଳିଗଲା । ସରପଞ୍ଚଙ୍କ ସ୍ୱାଭିମାନକୁ ସେ ଭଲଭାବରେ ଜାଣିଥିଲା । ବାଲ୍ୟକାଳରୁ ଆଜି ପର୍ଯ୍ୟନ୍ତ ସମସ୍ତେ ତାଙ୍କ ନିକଟରେ ନତମସ୍ତକ ହୋଇ ରହି ଆସିଛନ୍ତି । ତାଙ୍କ ଆଖି ସହିତ ଆଖିମିଳାଇ କଥା କହିବାର ଦୁଃସାହସ କାହାରି ମଧ୍ୟ ନାହିଁ । ସେହି ଯୁବକ ଜଣକ ସରପଞ୍ଚଙ୍କ ନିକଟକୁ ଚାଲିଯାଇ ନିଦରେ ଢୁଳାଉଥିବା ତାଙ୍କୁ ବେଖାତିର କରି କହିଲା......ଏ ସରପଞ୍ଚ ! ସରପଞ୍ଚଙ୍କ କାନରେ ଏ ପଦକ କଥା ପଡ଼ିବା ମାତ୍ରେ ସେ ଅଗ୍ନିଶର୍ମା ପାଲଟି ଗଲେ । ତାଙ୍କ ପିତ୍ତ ମୁଣ୍ଡ ଉପରକୁ ଚଢ଼ିଗଲା । ଯୁବକର ଏ ପ୍ରକାର କହିବା ଢ଼ଙ୍ଗ ସରପଞ୍ଚଙ୍କ ହୃଦୟରେ ଅତ୍ୟନ୍ତ ବ୍ୟଥା ଜାତ କରିଥିଲା । ସେ ମଧ୍ୟ ଆଖି ଦିଓଟିକୁ ତରାଟି ଉତ୍ତର ଦେଲେ । ଆରେ ଏ ଟୋକା, କହିବାର ରଙ୍ଗ ଢ଼ଙ୍ଗ ତୋତେ ଜଣା ଅଛି କି ନାହିଁ ? ଯୁବକ ଯେପରି ଭାବେ ତାଙ୍କୁ ସମ୍ବୋଧନ କଲା ତାହା ତାଙ୍କ ହୃଦ୍‌ଦେଶରେ ଗଭୀର ରେଖାପାତ କରିଥିଲା । ଆଜି ପର୍ଯ୍ୟନ୍ତ ସମସ୍ତ ଲୋକ ତାଙ୍କ ସହିତ ସନ୍ତର୍ପଣରେ କଥାବାର୍ତ୍ତା କରିଥାନ୍ତି । କିନ୍ତୁ ସେହି ବାଳୁଙ୍ଗା ଯୁବକଜଣକ ଉଦ୍ଧତ ହୋଇ ଏପରି ସମ୍ବୋଧନ କରିଥିଲା । ଏତକ ହେବାପରେ ମଧ୍ୟ କଥା ଛିଣ୍ଡିଲା ନାହିଁ । ଯୁବକ ଉତ୍ତର ଦେବାକୁ ଯାଇ କହିଥିଲା ......ଅନେକ ଦିନରୁ ଆପଣ ଆମକୁ ଭୟଭୀତ କରି ରଖିଛନ୍ତି ବର୍ତ୍ତମାନ୍ ! ବର୍ତ୍ତମାନ୍ ଆଗକୁ ଯିବାପାଇଁ ରାସ୍ତା ପରିଷ୍କାର କର । ଲୋକେ ଜୀବନସାରା ଚୁପ୍‌ଚାପ୍ ହୋଇ ରହିଥିଲେ । ବର୍ତ୍ତମାନ୍ କେହି ଆଉ ଚୁପ୍ ହୋଇ ରହିବେ ନାହିଁ । ଆପଣଙ୍କ କଥାକୁ ଗ୍ରହଣ କରୁଥିଲେ ବର୍ତ୍ତମାନ ଜଣେ ମଧ୍ୟ ଆପଣଙ୍କ କଥାକୁ ଗ୍ରହଣ କରିବନାହିଁ । ଆମେ ମଧ୍ୟ ହେଉଛୁ ମଣିଷ ।





ଏଠାରେ କେହି କାହାଠାରୁ କମ୍ ନୁହନ୍ତି । ଆପଣଙ୍କ ସହିତ ଆମ୍ଭେମାନେ ମଧ୍ୟ ହେଉଛୁ ସମାନ । ଆପଣ ଯା କରିବା କଥା କରିନିଅନ୍ତୁ । ଯୁବକ ଜଣକ ଏକା ନିଶ୍ୱାସରେ ଏସବୁ କଥା କହି ସେଠାରୁ ଉଠି ଦଉଡି ଦଉଡି କୁଆଡ଼େ ଅଦୃଶ୍ୟ ହୋଇଗଲା । ସରପଞ୍ଚଙ୍କ ରକ୍ତ ଗରମ ହୋଇଗଲା । ଆଖିକୁ ଅରୁଣିମା ବର୍ଣ୍ଣକରି ଉତ୍ତେଜିତ ହୋଇ କହିଲେ......ଏ ମେଞ୍ଚଡା ଟୋକାର ଏତେ ସାହସ ହେଲା କେଉଁଠୁ ? ତାକୁ ଶୀଘ୍ର ଧରି ଆଣ, ତାର ହାଡ଼କୁ ଖଣ୍ଡଖଣ୍ଡ କରି ଭାଙ୍ଗିଦିଅ । ଏ ଅଧମାଧମର ଏତେ ସାହସ । ବର୍ତ୍ତମାନ ମୁଁ ବଞ୍ଚି ରହିବାର ଉପାୟ କରୁଛି । କାଲି ତା ଶରୀରରୁ ଚର୍ମସବୁ ଉତାରି ଦେବାର ବ୍ୟବସ୍ଥା କରୁଛି । ଭାବିଛି କଣନା ମୁଁ ମରିଯାଉଛି । ତେଣୁ ସେ ଏପରି ଅଭଦ୍ର ଜନୋଚିତ ବ୍ୟବହାର କରୁଛି । ଆଜି ପର୍ଯ୍ୟନ୍ତ ନମ୍ର ହୋଇ କେତେ ସୁନ୍ଦର ଭାବେ ଚଳୁଥିଲା । ଆଜି କିପରି ତାର ମେସିନ୍ ବିଗିଡି ଗଲା ? ଆଜି ପର୍ଯ୍ୟନ୍ତ ନମ୍ର ହୋଇ ରହୁଥିଲା ? ନମ୍ରତାର ସେ ଜଣେ ମୂର୍ତ୍ତିମନ୍ତ ରୂପଥିଲା । ଏବେ ତାର ପ୍ରକୃତ ସ୍ୱଭାବ ଜଣାପଡିଗଲା ସତରେ ଦୁନିଆଁର ହାବଭାବ ହେଉଛି ଏହିପରି । ଜୀବିତ ବ୍ୟକ୍ତିଙ୍କ ଆଗରେ ନମ୍ର ହୁଅ । କିନ୍ତୁ ମୃତ୍ୟୁ ସମୟ ଆସି ପହଞ୍ଚିଗଲେ ଶତମୁଖରେ ତାର ନିନ୍ଦାକର । ମୁଁ ତାର ପରିବାର ପ୍ରତି ଏତେ ଅନୁଗ୍ରହ କରିଛି ତା ସେ ସାତଜନ୍ମରେ ମଧ୍ୟ ପରିଶୋଧ କରିପାରିବ ନାହିଁ । ତା କଥାରେ ସେ ଏତେ ଉତ୍ତେଜିତ ହୋଇ ପଡ଼ିଲେ ଯା ଫଳରେ ରାତିସାରା ସେ ଆଉ ଶୋଇପାରିଲେ ନାହିଁ । ଅର୍ଥାତ୍ ଜୀବନରେ ବଞ୍ଚିଗଲେ ।

ପ୍ରାତଃକାଳରେ ଡ଼କ୍ଟର ତାଙ୍କୁ ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ । ଗ୍ରାମ ଲୋକଙ୍କୁ ହସିହସି କହିଲେ ବର୍ତ୍ତମାନ ଆପଣଙ୍କ ସରପଞ୍ଚ ମହୋଦୟ ଭୟମୁକ୍ତ ହୋଇ ଯାଇଛନ୍ତି । ଏହା ଶୁଣିବାମାତ୍ରେ ଗ୍ରାମବାସୀଙ୍କ ନୟନଯୁଗଳରୁ

ଆନନ୍ଦାଶ୍ରୁ ପ୍ରବାହିତ ହେବାରେ ଲାଗିଲା । ସେମାନେ ଡାକ୍ତରଙ୍କୁ ଜଣାଇଲେ ଯେ ଇଏ ଶୋଇବାରେ ଲାଗିଥିଲେ ଆମେ ନାନା ପ୍ରକାର ଉପାୟ କଲେ ମଧ୍ୟ ତାଙ୍କ ନିଦକୁ ଦୂର କରି ପାରିଲୁ ନାହିଁ । ନିଦରେ ସେ ଢୁଳେଇ ପଡୁଥିଲେ । ଜଣେ ଚତୁର ଯୁବକ ୟାଙ୍କ ନିଦକୁ ଦୂର କରିବାପାଇଁ ଅର୍ଥାତ୍ ବଞ୍ଚାଇବା ଉଦ୍ଦେଶ୍ୟରେ ଅତି କଠୋର ବଚ଼ନ ବ୍ୟବହାର କଲେ । ତାଫଳରେ ସରପଞ୍ଚଙ୍କର ଏତେ କ୍ରୋଧ ଜାତ ହେଲା ଯେ ସେ କ୍ରୋଧ ଜର୍ଜରିତ ହୋଇ ରାତିରେ ଆଉ ଶୋଇପାରିଲେ ନାହିଁ ।

ସରପଞ୍ଚଙ୍କୁ ଡକ୍ଟର୍ ବୁଝାଇ ଦେବାକୁ ଯାଇ କହିଲେ, ସର୍ପର ବିଷଜ୍ୱାଳାରେ ଆପଣ ଶୋଇ ପଡୁଥିଲେ । ପ୍ରକୃତରେ ଆପଣ ଯଦି ଶୋଇ ପଡ଼ିଥାନ୍ତେ ତେବେ ଆମେ କଣ ଭଗବାନ୍ ମଧ୍ୟ ଆପଣଙ୍କୁ ବଞ୍ଚାଇ ପାରି ନଥାନ୍ତେ । ସେହି ଯୁବକ ଜଣକ ଆପଣଙ୍କୁ ରୁକ୍ଷ କଥା କହି ମରଣ ମୁଖରୁ ରକ୍ଷା କରିଛି । ଅସଭ୍ୟତା ବଶତଃ ସେ ସେପରି କହିନଥିଲା । ଆପଣଙ୍କ ଜୀବନ ରକ୍ଷାପାଇଁ ଜାଣି ଶୁଣି ସେ ସେପରି କହିଥିଲା । ସେହି ଯୁବକର କଠୋର କଥା ହିଁ ଆଜି ଆପଣଙ୍କ ଜୀବନ ରକ୍ଷା କରିଛି । ସେପରି କଥା ଯଦି ସେ କହିନଥାନ୍ତା ତେବେ ଆପଣଙ୍କ ଜୀବନ ଦୀପ ଅକାଳରେ ନିର୍ବାପିତ ହୋଇ ଯାଇଥାନ୍ତା । ତେଣୁ ଆପଣ ତା ନିକଟରେ କୃତଜ୍ଞତା ଜଣାଇବା ସମୁଚ଼ିତ ହେବ ।

ସରପଞ୍ଚ ସବୁ କଥା ବୁଝିଗଲେ । ସେ ଯୁବକକୁ ଡାକି ଆଣିବାପାଇଁ ଜଣକୁ ଆଦେଶ ଦେଲେ । ସେ ଆସିବାମାତ୍ରେ ସରପଞ୍ଚଙ୍କ ପାଦତଳେ ଲୋଟି ପଡ଼ିଲା । ତତ୍କ୍ଷଣାତ୍ ତାକୁ ତଳୁ ଉଠାଇ ବକ୍ଷସ୍ଥଳରେ ଜାବୁଡି ଧରିଲେ । ଆନନ୍ଦରେ କୃତକୃତ୍ୟ ହୋଇ ଯୁବକକୁ ପୁରସ୍କୃତ ମଧ୍ୟ କରିଥିଲେ ।

ମହର୍ଷି ଦୟାନନ୍ଦଙ୍କ କଠୋର ସମାଲୋଚନା ଦ୍ୱାରା ମାନବଜାତି ଆଉ





ଶୋଇ ପାରିଲା ନାହିଁ । ତେଣୁ ସେ ଆସନ୍ନ ମୃତ୍ୟୁ ମୁଖରୁ ରକ୍ଷା ପାଇଗଲା । ନ ତୁବା ଆଜି ସେ ନିଶ୍ଚୟ ରସାତଳଗାମୀ ହୋଇଥାନ୍ତା । ତା ଅବସ୍ଥା କଣ ହୋଇଥାନ୍ତା ତା କଳ୍ପନା କରି ହେଉନାହିଁ, କିନ୍ତୁ ଜଣା ପଡୁନାହିଁ । ଏ ମାନବ ଜାତି ତାଙ୍କ କଥିତ ବିଷୟ ବସ୍ତୁର ସାରମର୍ମକୁ ଉପଲବ୍ଧିକରି କେବେ ତାଙ୍କୁ ପୁରସ୍କୃତ କରିବ ? ନିଶ୍ଚୟ ଦିନେ ଏପରି ସମୟ ଆସିବ ଯେତେବେଳେ ସେ ନିଜକୁ ଜାଗ୍ରତକରି ମୃତ୍ୟୁ ମୁଖରୁ ରକ୍ଷା କରିଥିବା ମହର୍ଷି ଦୟାନନ୍ଦଙ୍କୁ ଆନ୍ତରିକତା ପରିପୂର୍ଣ୍ଣ ସ୍ୱାଗତ କରିବ ତଥା ତାଙ୍କ ସିଦ୍ଧାନ୍ତଗୁଡିକୁ ଗ୍ରହଣ କରି ନିଶ୍ଚୟ ତାଙ୍କୁ ପୁରସ୍କୃତ କରିବାରେ ଅବହେଳା କରିବ ନାହିଁ । କୃତଘ୍ନତା ହେଉଛି ମନୁଷ୍ୟର ମହାନ୍ ପାପ କିନ୍ତୁ କୃତଜ୍ଞତା ହେଉଛି ପୁଣ୍ୟ ପ୍ରଦାୟକ । ତେବେ କାହିଁକି ଏ ଜାତି ସେହି ପାପଗୁଡିକୁ ନିଜ ମୁଣ୍ଡ ଉପରକୁ ନେବାକୁ ଚ୍ହାହିଁବ ? ସେ ସଂସାରର ଏହି ଅଦ୍ଭୁତ ଓ ଚମତ୍କାରିକ କ୍ରାନ୍ତିକାରୀ ଗ୍ରନ୍ଥ ସତ୍ୟାର୍ଥ ପ୍ରକାଶର ପ୍ରଣେତା ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କୁ କୃତଜ୍ଞତା ପ୍ରକାଶ କରିବ ତତ୍ ସଙ୍ଗେ ସଙ୍ଗେ ନିଜର ପ୍ରାଥମିକ ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ତାଙ୍କର କାଳଜୟୀ ଅମର କୃତି ସତ୍ୟାର୍ଥ ପ୍ରକାଶ ତଥା ଅନ୍ୟ ଗ୍ରନ୍ଥଗୁଡ଼ିକୁ ପଢ଼ି ଓ ପଢାଇ ତହିଁରେ ସନ୍ନିବେଶିତ ମନ୍ତବ୍ୟ ଗୁଡ଼ିକୁ ଆଦରର ସହିତ ଆଦରି ନେଇ ତଦ୍ଦ୍ୱାରା ଲାଭାନ୍ୱିତ ହେବ ଏବଂ ନିଜର କୃତଜ୍ଞତା ପ୍ରକାଶ କରିବ ତଥା ମହର୍ଷିଙ୍କ ଜୟଘୋଷ ଦ୍ୱାରା ଦିଗଦିଗନ୍ତକୁ ମୁଖରିତ କରିବ ।

## ମହର୍ଷିଙ୍କ ବିଚାର

**ପ୍ରଶ୍ନ :-** ଈଶ୍ୱର ନିଜ ଭକ୍ତମାନଙ୍କର ପାପକୁ କ୍ଷମା କରନ୍ତି ନା କରନ୍ତି ନାହିଁ ?

**ଉତ୍ତର :-** ନାହିଁ । କାରଣ ପାପକୁ ଯଦି କ୍ଷମା କରାଯାଏ ତେବେ ତାଙ୍କ ନ୍ୟାୟ ବ୍ୟବସ୍ଥା ନଷ୍ଟ ହୋଇଯିବ । ଦ୍ୱିତୀୟତଃ ସମସ୍ତ ଲୋକ ମହାପାପୀ ହୋଇଯିବେ । କାରଣ କ୍ଷମାଦାନର କଥାକୁ ଶୁଣିବାମାତ୍ରେ ପାପ କରିବାପାଇଁ ସେମାନଙ୍କ ହୃଦୟରେ ନିର୍ଭୟତା ଓ ଉତ୍ସାହ ଜାତ ହେବ । ଯେପରି ରାଜା ଯଦି କାହାର ଅପରାଧକୁ କ୍ଷମା କରି ଦିଅନ୍ତି ତେବେ ସେ ଉତ୍ସାହିତ ହୋଇପଡ଼ିବ । ପରବର୍ତ୍ତୀ ସମୟରେ ଗର୍ହିତ ପାପକାମ କରିବାକୁ ପଶ୍ଚାତ୍‌ପଦ ହେବନାହିଁ । କାରଣ ରାଜା ନିଜର ଅପରାଧକୁ କ୍ଷମା କରି ଦେବେ । ପୁନଶ୍ଚ ତାମନରେ ଦମ୍ଭ ଆସିଯିବ ଯେ ରାଜାଙ୍କୁ ହାତ ଯୋଡି କାକୁତି ମିନତି କରି ନିଜ ଅପରାଧରୁ ରକ୍ଷାପାଇଯିବୁ । ଦ୍ୱିତୀୟତଃ ଯେଉଁମାନେ କୌଣସି ଅପରାଧ କରୁନାହାନ୍ତି ସେମାନେ ମଧ୍ୟ ଅପରାଧ କରିବାପାଇଁ ଭୟଭୀତ ନହୋଇ ପାପ କରିବାରେ ପ୍ରବୃତ୍ତ ହୋଇପଡ଼ିବେ । ଏଣୁ ଯାବତୀୟ କର୍ମର ଫଳ ଯଥାଯଥ ଭାବେ ଦେବା, ପ୍ରଦାନ କରିବା ହେଉଛି ଈଶ୍ୱରଙ୍କ କାମ, କ୍ଷମା କରିବା ତାଙ୍କ କାମ ନୁହେଁ ।

**(ସତ୍ୟାର୍ଥ ପ୍ରକାଶ ଦଶମ ସମୁଲ୍ଲାସରୁ)**

## ଦେବ ଦୟାନନ୍ଦଙ୍କ ଅଭିଳାଷ

ଆର୍ଯ୍ୟ-ଜନ ବିଜୟ-ଧ୍ୱଜା ଦେଶେ ଦେଶେ ଉଡ଼ିବ
ମହର୍ଷିଙ୍କ ଅମୃତବାଣୀ ପାପ ଦୂର କରିବ ॥୧॥
ପରିବର୍ତ୍ତନର ଝଲକ ସର୍ବତ୍ର ଦେଖାଦେବ,
ତନ୍ଦ୍ରା ତ୍ୟଜି ଜନେ ଉଠିବେ, ଦେବତ୍ୱ ସୃଷ୍ଟି ହେବ ॥୨॥
ମତ-ମତାନ୍ତର କାଳିମା ଦିନେ ଦୂର ହୋଇବ,





ମଧୁମୟ ହେବ ଧରମ ଖଳେ ହେବେ ନୀରବ ॥୩॥
କ୍ରାନ୍ତିକେତୁ ଯୁଗ ପୁରୁଷ ଦୁଃଖ ଦୂର ହୋଇବ,
ମହର୍ଷିଙ୍କ ଆଶା ଆକାଂକ୍ଷା ନିଶ୍ଚେ ପୂରଣ ହେବ ॥୪॥
ସାମ-ଗାନ ପିକ କରିବ ଜନ୍ମିବେ ବହୁ ଦେବ,
ସଭ୍ୟତା ସଂସ୍କୃତି ପ୍ରଦାନି ଦେଶ ନାମ ରହିବ ॥୫॥
ଦେଖାଇବ ବେଦ ସତ୍ପଥ, ଲକ୍ଷ୍ୟ ପୂରଣ ହେବ,
ହୃଦେ ଆତ୍ମ ଜ୍ୟୋତି ଜାଗିବ ସବୁ ସଫଳ ହେବ ॥୬॥
ବୈଦିକ ମାନ୍ୟତା ଆମରି ବେଦ ଜ୍ୟୋତି ଜଳିବ,
ତାହାରି ଫଳରେ ସଭିଙ୍କ ଆତ୍ମା ତୃପତ ହେବ ॥୭॥
ଯୁଗ ଅନ୍ଧକାର ହଟିବ ଜନ ଜାଗ୍ରତ ହେବ,
ଆର୍ଯ୍ୟ ଶଙ୍ଖଧ୍ୱନି ସର୍ବତ୍ର ଜନ-ମନ ହରିବ ॥୮॥
ସଂକୀର୍ଣ୍ଣ ବିଗ୍ରହ ବରଜି ବେଦ ପଥରେ ଯିବା,
ଅନିତ୍ୟ ମାନବ ଦେହକୁ ଶୁଦ୍ଧ ପୂତ କରିବା ॥୯॥

## ମହର୍ଷି ଦୟାନନ୍ଦ, ବିଶିଷ୍ଟ ସାହିତ୍ୟକାରଙ୍କ ଦୃଷ୍ଟିରେ

**(କ)** ମହର୍ଷି ଦୟାନନ୍ଦଙ୍କ ଅନ୍ୟ କୌଣସି ବିଶିଷ୍ଟ ବ୍ୟକ୍ତି ଅଛନ୍ତି ଏହାର ପ୍ରମାଣ ମଧ୍ୟ ମିଳି ପାରିବ ନାହିଁ ।

........କୌଣସି ଦ୍ୱିତୀୟ ପ୍ରତିଭାଶାଳୀ ପୁରୁଷଦ୍ୱାରା ଯା କିଛି ଉପକାର ଦେଶ ତଥା ଜାତିର ହୋଇଛି କିନ୍ତୁ ସର୍ବ ପ୍ରଥମେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ

ବେଦଗୁଡ଼ିକୁ ଆଣି ଆମ ସମ୍ମୁଖରେ ରଖିଛନ୍ତି । ଯଦି ଋଷିମୁନିଙ୍କ ସନ୍ତାନ ହେବାର ସୌଭାଗ୍ୟ ଆମେ ଲାଭକରିଛୁ ଏବଂ ତାପାଇଁ ଗର୍ବ ମଧ୍ୟ ଅନୁଭବ କରୁଛୁ, ତେବେ କହିବାକୁ ହେବ ଯେ ମହର୍ଷି ଦୟାନନ୍ଦଙ୍କଠାରୁ ବଢ଼ି ଆମ ଉପକାର ଏଠାରେ ଅନ୍ୟ କୌଣସି ମହାପୁରୁଷ କରି ନାହାନ୍ତି । ଯିଏ କି ନିଜେ କିଛି ନ ନେଇ ମଧ୍ୟ ଆମକୁ ଅନନ୍ତ ଜ୍ଞାନ-ରାଶି ବେଦ ସହିତ ପରିଚିତ କରାଇ ଦେଇଛନ୍ତି ।

ଦେଶ ପତନ ହେବାର ଏକମାତ୍ର କାରଣ ହେଉଛି ଦେଶରେ ବିଭିନ୍ନ ମତବାଦର ପ୍ରଚଳନ । ଏ ନିର୍ଭୁଲ ଧାରଣା ଦୟାନନ୍ଦଙ୍କର ବଳବତ୍ତର ଥିଲା । ସେ ବିଭିନ୍ନ ମତ, ମତାନ୍ତର ଉପରେ ପ୍ରମାଣ ଦେଇ ଆକ୍ଷେପ କରିଛନ୍ତି । ତାଙ୍କର ବଳବତୀ ଇଚ୍ଛାଥିଲା ଏହି ମତ ମତାନ୍ତରର ଅଜ୍ଞାନ ପଙ୍କରୁ ଦେଶକୁ ଉଦ୍ଧାର କରି ବୈଦିକ ପବିତ୍ର ଶିକ୍ଷାଦ୍ୱାରା ନିଷ୍କଳଙ୍କ କରିବାକୁ ହେବ ।

ଦେଶର ଅଧିକାଂଶ ଅଞ୍ଚଳରେ ସ୍ତ୍ରୀଶିକ୍ଷା ବିସ୍ତାରର ଅଧିକଶ୍ରେୟ ଆର୍ଯ୍ୟ ସମାଜକୁ ଦିଆଯାଇପାରେ

**ପ. ସୂର୍ଯ୍ୟକାନ୍ତ ତ୍ରିପାଠୀ ନିରାଲା**

**(ଖ)** ସନ୍ ୧୮୮୩ ରେ ସ୍ୱାମୀ ଦୟାନନ୍ଦଙ୍କ ତଥା ୧୮୮୪ ରେ ଭାରତେନ୍ଦୁ ହରିଶ୍ଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା । ସ୍ୱାମୀ ଦୟାନନ୍ଦ ୨୦ ବର୍ଷ ପର୍ଯ୍ୟନ୍ତ ତଥା ଭାରତେନ୍ଦୁ ୨୧ ବର୍ଷ ପର୍ଯ୍ୟନ୍ତ କାମ କରିଥିଲେ । ଏ ଦୁଇଜଣ ମହାନୁଭବ ଏପରି ସାଂସ୍କୃତିକ ପ୍ରଭାବ ପକାଇ ଯାଇଛନ୍ତି ଯାହାକି ତୀବ୍ରଗତିରେ ଉତ୍ତରୋତ୍ତର ବୃଦ୍ଧି ପାଇବାରେ ଲାଗିଛି । ପୁଣି ତାହା ଅତିଶୀଘ୍ର ସଂପୂର୍ଣ୍ଣ ଉତ୍ତର ଭାରତରେ ଜାଗରଣର ଏକ ନୂତନ ତରଙ୍ଗ ସୃଷ୍ଟି କରିଛି ।

.......ମହର୍ଷି ଦୟାନନ୍ଦଙ୍କ ପ୍ରତ୍ୟେକ ପ୍ରବଚନରେ ଅଧିକ ଆକର୍ଷଣୀୟ





ବିଷୟବସ୍ତୁ ନିହିତ ହୋଇ ରହିଥିଲା ତା ହେଉଛି ଏକେଶ୍ୱର ବାଦ । ସେ ରୁଢ଼ିବାଦର ବିରୋଧୀ ତଥା ପ୍ରଗତିର ପ୍ରବଳ ସମର୍ଥକ ଥିଲେ । ପ୍ରଥମତଃ ସେ ପ୍ରାଚୀନତମ ବୈଦିକ ସଂସ୍କୃତିକୁ ଦୃଢ଼ତାର ସହିତ ଉପସ୍ଥାପନ କରୁଥିଲେ ଦ୍ୱିତୀୟତଃ ସେ ନୂତନ ନୂତନ ସଂସ୍କାରଗୁଡିକୁ ସ୍ୱାଗତ ମଧ୍ୟ କରୁଥିଲେ । ଜନସାଧାରଣ ତା ପ୍ରତି ଯେପରି ଆକୃଷ୍ଟ ହେବେ ତାପାଇଁ ପ୍ରେରଣା ମଧ୍ୟ ଦେଉଥିଲେ । ତାଙ୍କର କେତେକ ବିଗ୍ଭରଧାରା ପାଶ୍ଚାତ୍ୟ ବିକାଶ ସହିତ ସାମଞ୍ଜସ୍ୟ ଥିଲେ ମଧ୍ୟ ତା ବୈଦିକ ସଂସ୍କୃତିମୟ ଥିଲା ।

**ଆଚାର୍ଯ୍ୟ ଚତୁରସେନ ଶାସ୍ତ୍ରୀ**

**(ଗ)** ...........ରଥାରୂଢ଼ ହିନ୍ଦୁତ୍ୱର ନିର୍ଭୀକନେତା ସ୍ୱାମୀ ଦୟାନନ୍ଦ ଯେଉଁପରି ଥିଲେ ଅନ୍ୟ କେହି ସେପରି ହୋଇପାରି ନାହାନ୍ତି । ମହର୍ଷିଙ୍କ ସମ ସାମୟିକ ଅନ୍ୟ ଯେଉଁ ସୁଧାରକମାନେ ଥିଲେ ସେମାନେ କେବଳ ସୁଧାରକ ଥିଲେ । କିନ୍ତୁ ମହର୍ଷି ଦୟାନନ୍ଦ ଜନୈକ କ୍ରାନ୍ତିକାରୀଭାବେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ।ସେ ହିନ୍ଦୁଧର୍ମର ରକ୍ଷକ ହେବା ସଙ୍ଗେ ସଙ୍ଗେ ବିଶ୍ୱମାନବିକତାର ନେତା ମଧ୍ୟ ଥିଲେ ।

ରୀତିକାଳର ଠିକ୍ ପରବର୍ତ୍ତୀ ସମୟରେ ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ସର୍ବାପେକ୍ଷା ବୃହତ୍ ସାଂସ୍କୃତିକ ଘଟଣା ଯାହାସବୁ ଘଟିଥିଲା ତାହା ମହର୍ଷି ଦୟାନନ୍ଦଙ୍କ ପବିତ୍ରତା ବାଦୀ ବିଗ୍ଭର କେବଳ ଥିଲା । ସେ ଯୁଗର କବିମାନେ ଶୃଙ୍ଗାର ରସର କବିତା ଲେଖିବା ସମୟରେ ସେମାନଙ୍କ ଧାରଣା ରହୁଥିଲା ଯେ ସତେ ଯେପରି ସ୍ୱାମୀ ଦୟାନନ୍ଦ ସରସ୍ୱତୀ ନିକଟରେ ଛିଡା ହୋଇ ଆମର ସବୁକିଛିକୁ ଦେଖୁଛନ୍ତି ।

**ଡ. ରାମଧାରୀ ସିଂହ ଦିନକର**

**(ଘ)** ସତେ ଯେପରି ମହର୍ଷି ଦୟାନନ୍ଦ ସରସ୍ୱତୀ ପ୍ରକୃତରେ ଜଣେ ଯୁଗଦ୍ରଷ୍ଟା ଓ ଯୁଗନିର୍ମାତା ଥିଲେ । ମୋର କାର୍ଯ୍ୟକଳାପ ଉପରେ ମହର୍ଷିଙ୍କ ସଂସ୍କାର ଗୁଡ଼ିକର ପ୍ରଭାବ ବହୁଳଭାବେ ପଡିଛି । ସ୍ତ୍ରୀମାନଙ୍କୁ ବେଦ ପଠନ-ପାଠନର ଅଧିକାର ଦେଇ ସେ ମହିଳାମାନଙ୍କ ମଧ୍ୟରେ ନୂତନ କ୍ରାନ୍ତିର ବୀଜରୋପଣ କରିଥିଲେ । ସ୍ତ୍ରୀମାନଙ୍କ ବେଦନାକୁ ଦେଖି ସେ ପ୍ରକାଶ କରୁଥିଲେ ଭାଇ ! ଏହାଠାରୁ ବଳି ହୃଦୟ ବିଦାରକ ଦୃଶ୍ୟ କଅଣ ଆଉ ଥାଇପାରେ ? ବିଧାତାଙ୍କ ଦୁଃଖଭରା ଆହାଦ୍ୱାରା ଏ ଦେଶର ଦୁର୍ଦ୍ଦଶା ଏପରି ହୋଇଛି । ମହର୍ଷି ଦୟାନନ୍ଦ ବେଦର ବୈଜ୍ଞାନିକ ବାଖ୍ୟା ଉପସ୍ଥାପନ କରି ବେଦର ଅଧ୍ୟୟନ ପ୍ରଣାଳୀର ଏକ ନୂତନ ଯୁଗର ସୂତ୍ରପାତ କରିଥିଲେ । ଏ ସକଳ କାର୍ଯ୍ୟକଳାପ ଯୋଗୁଁ ଆମେ ତାଙ୍କଠାରେ ନିଶ୍ଚୟ ଚିର ଋଣୀ ହୋଇ ରହିବୁ ।

**ମହାଦେବୀ ବର୍ମା**

## ମହର୍ଷିଙ୍କ ପ୍ରତି

**ନତମସ୍ତକେ ଆର୍ଯ୍ୟଜନ, କରନ୍ତି ତୁମକୁ ପ୍ରଣାମ ।**
**ବିଶ୍ୱରେ ଅଜର ଅମର, ଦୟାନନ୍ଦଙ୍କ ନାମ ସାର ।**
**ସେ ଦୟାନନ୍ଦଙ୍କର ନାମ, ମହର୍ଷି ପଦବୀ ଲଭିଣ ।**
**ଯେଜନ ସରଳ ତରଳ, ପ୍ରକୃତପଥ ଦର୍ଶାଇଲ ।**
**ଗୋରା ଶାସକ ଥିଲେ ଦେଶେ, ଗାଦି ଛାଡୁନଥିଲେ ରୋଷେ ।**
**ଆର୍ଯ୍ୟ ଜନଙ୍କ ଯୋଗଦାନ, ଦେଖି କଲେ ସେ ପଳାୟନ ।**



ସତ୍ୟାର୍ଥ ପ୍ରକାଶ ଏକ ମୂଲ୍ୟାଙ୍କନ